ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ଶୁକ୍ରବାର, ମାର୍ଚ୍ଚ ୧୩/୨୦୨୦ Rayagada, Friday, March. 13 / 2020

# ଅନାସ୍ଥା ଭୋଟ୍‌ରେ ହାରିଲେ ସେମିଳିଗୁଡ଼ା ବ୍ଲକ ଅଧ୍ୟକ୍ଷ

ସେମିଳିଗୁଡ଼ା,୧୨।୩(ସ୍ୱ.ପ୍ର.)

କୋରାପୁଟ ଜିଲା ସେମିଳିଗୁଡ଼ା ବ୍ଲକ ଅଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା ଆଗତ ପରେ ହୋଇଥିବା ଭୋଟିଂରେ ବିପକ୍ଷ ଗୋଷ୍ଠୀ ବିଜୟୀ ହୋଇଛନ୍ତି। ଗତ ୬ ନଭେମ୍ବରରେ ବ୍ଲକ ଅଧ୍ୟକ୍ଷ ଦୀନେଶ ଖରାଙ୍କ ବିପକ୍ଷରେ ଅନାସ୍ଥା ପ୍ରସ୍ତାବ ଅଣାଯାଇଥିଲା। ସମସ୍ତ ସରପଞ୍ଚ ଓ ସମିତିସଭ୍ୟଙ୍କ ମଧ୍ୟରେ ଅନାସ୍ଥା ପ୍ରସ୍ତାବକୁ ଭିତ୍ତିକରି ଭୋଟିଂ କରାଯାଇଥିଲା। ଅନାସ୍ଥା ପ୍ରସ୍ତାବକୁ ଚ୍ୟାଲେଞ୍ଜ କରି ହାଇକୋର୍ଟରେ ଏକ ପିଟିସନ ଦାୟର କରାଯାଇଥିଲା। ହାଇକୋର୍ଟଙ୍କ ରହିତାଦେଶ ଜାରି ପରେ ଏହାର ଫଳାଫଳ ପାଇଁ କୋର୍ଟଙ୍କ ନିର୍ଦ୍ଦେଶରେ ୫ ମାସ ବିତିବା ଗୁରୁବାର ନନ୍ଦପୁର ବିଡିଓ କୈଳାସ ଚନ୍ଦ୍ର ଶିଆଳଙ୍କ ଉପସ୍ଥିତିରେ ଭୋଟବାକ୍ସ ଖୋଲାଯାଇଥିଲା। ଭୋଟବାକ୍ସ ସିଲ୍ ସମୟରେ ଲିଖିତ ଚିରକୁଟ ଲଗାଯାଇଥିବା ବେଳେ ଏବେ ତାହା ଦେଖାଯାଇ ନ ଥିବାରୁ ବାକ୍ସ ଅଦଳବଦଳ ହୋଇଥିବା ସନ୍ଦେହରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ବାକ୍ସ ଖୋଲି ଭୋଟ ଗଣତି ପରେ ଉପସ୍ଥିତ ଥିବା ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ ଫଳାଫଳକୁ ନେଇ ଆଶ୍ୱସ୍ତ ହୋଇଥିଲେ। ବ୍ଲକ ଅଧ୍ୟକ୍ଷ ଦୀନେଶ ଖରାଙ୍କ ବିରୋଧରେ ଯାଇ ସମସ୍ତ ୧୨ ସରପଞ୍ଚ ଓ ୧୩ ସମିତିସଭ୍ୟ ଉପାଧ୍ୟକ୍ଷ ବାସନ୍ତୀ ଛେଦନାୟକଙ୍କ ସପକ୍ଷରେ ଭୋଟ୍ ଦେଇଥିଲେ। ତେବେ ବିଧିବଦ୍ଧ ଭାବେ ବ୍ଲକ ଅଧ୍ୟକ୍ଷ ନାମ ଘୋଷଣା କରାଯାଇ ନ ଥିବାବେଳେ ଜିଲାପାଳଙ୍କ ନିର୍ଦ୍ଦେଶ ପରେ ତାହା ଘୋଷଣା କରାଯିବ ବୋଲି ନନ୍ଦପୁର ବିଡିଓ କୈଳାସ ଚନ୍ଦ୍ର ଶିଆଳ କହିଛନ୍ତି।

# ରାଜ୍ୟପାଳଙ୍କୁ ଭେଟିଲେ ଭୂଦାନ ନେତା କୃଷ୍ଣ ସିଂହ

ସେମିଳିଗୁଡ଼ା,୧୨।୩(ସ୍ୱ.ପ୍ର.)


ରାଜ୍ୟପାଳଙ୍କୁ ଭେଟୁଛନ୍ତି କୃଷ୍ଣ ସିଂ , ରଘୁରାମପଡାଲ, ପ୍ରୀତମ ପାଢ଼ୀ, ମନୋଜ ମହାନ୍ତି।

ବର୍ଷୀୟାନ ଭୂଦାନ ଓ ସର୍ବୋଦୟ ନେତା ତଥା ଲେଖକ କୃଷ୍ଣ ସିଂ ଓଡ଼ିଶାର ରାଜ୍ୟପାଳଙ୍କୁ ଭେଟି ନିଜ ପୁସ୍ତକ 'ମହାଦୀକ୍ଷା', ଜୀବନୀ ପୁସ୍ତକ 'କୃଷ୍ଣାୟନ' ପ୍ରଦାନ କରିଛନ୍ତି। ଏହାସହ ସେମିଳିଗୁଡ଼ାରେ ନୂତନ ଭାବେ ଖୋଲିଥିବା ଦିଲ୍ଲୀ ଦିଲ୍ଲୀ ପବ୍ଲିକ ସେକେଣ୍ଡାରୀ ସ୍କୁଲର ଉଦଘାଟନୀ ଉତ୍ସବ ଏବଂ ଓଡ଼ିଆ ଲେଖକ ପାଠକ ସମ୍ମେଳନର ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହରେ ଯୋଗଦେବା ପାଇଁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ଅନୁରୋଧ କରାଯାଇଛି। ସେମିଳିଗୁଡ଼ାସ୍ଥିତ ସୀତମ କଲେଜ ପରିସରରେ ଅନୁଷ୍ଠିତ ହେବାକୁ ଥିବା ଏହି ଉତ୍ସବ ପାଇଁ ଚଳିତ ମାସ ୧୫ରେ ରାଜ୍ୟପାଳ ଗସ୍ତ କରିବା କାର୍ଯ୍ୟକ୍ରମ ରହିଛି। ସାକ୍ଷାତ ବେଳେ ସିଂଙ୍କ ସହ କୋରାପୁଟ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା କୋରାପୁଟ ବିଧାୟକ ରଘୁରାମ ପଡାଲ, ପଟ୍ଟାଙ୍ଗି ବିଧାୟକ ପ୍ରୀତମ ପାଢ଼ୀ, ଦିଲ୍ଲୀ ପବ୍ଲିକ ସେକେଣ୍ଡାରୀ ସ୍କୁଲର ସଚିବ ମନୋଜ ମହାନ୍ତି ମଧ୍ୟ ରାଜ୍ୟପାଳଙ୍କୁ ଭେଟିଛନ୍ତି।







Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ଅଷ୍ଟପ୍ରହର ନାମଯଜ୍ଞ



କୋଲାବନଗର,୧୩।୨(ଡି.ଏନ୍.ଏ.): କୋରାପୁଟ ଜିଲା କୋଲାବନଗରସ୍ଥିତ ବନବାସୀ କ୍ଷେତ୍ର ଜଗନ୍ନାଥ ମନ୍ଦିରରେ ଦୋଳପୂର୍ଣ୍ଣିମା ଉପଲକ୍ଷେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଛି। ସକାଳେ ଶତାଧିକ ମହିଳା କଳସ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ସେମାନେ କୋଲାବ ଜଳଭଣ୍ଡାରରୁ ଜଳ ନେଇ ଶ୍ରୀମନ୍ଦିର ଅଷ୍ଟମପ୍ରହର ମଣ୍ଡପରେ ସ୍ଥାପନ କରିଥିଲେ। ଏହାପରେ ଅଧିବାସ ଆରମ୍ଭ ହୋଇଥିଲା। ସ୍ଥାନୀୟ ଜିଲାର ୨୧ଟି ସଂକୀର୍ତ୍ତନ ଦଳ ଭାଗ ନେଉଛନ୍ତି। ସେମାନଙ୍କ ମଧ୍ୟରୁ ଉମରକୋଟ, ମାଲକାନଗିରି, ବାଲିମେଳା, ଆମ୍ବାଗୁଡ଼ା ଓ ବୋରିଗୁମ୍ମାର ମହିଳା କୀର୍ତ୍ତନ ଦଳର ନାଚ, ବାଦ୍ୟ ମନ୍ତ୍ରମୁଗ୍ଧ କରିଥିଲା। ଏହାସହ ଅନ୍ନଯଜ୍ଞ, ନଗର କୀର୍ତ୍ତନ, ଦଧିଭାଣ୍ଡ ଭଙ୍ଗାଯାଇଥିଲା ବୋଲି ପୂଜକ ଭଗବାନ ରଥ କହିଛନ୍ତି। ଶ୍ରୀମନ୍ଦିରର ସାଙ୍ଗଠନିକ ସମ୍ପାଦକ ଗଗନ କୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ପାଗଳା କୁକୁର କାମୁଡ଼ାରେ ୩ ଗୁରୁତର

ଦଶମନ୍ତପୁର,୧୨।୩(ଡି.ଏନ୍.ଏ.): କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସଦର ମହକୁମାରେ ପାଗଳା କୁକୁର କାମୁଡ଼ାରେ ୨ ଛାତ୍ରୀ ଏବଂ ଜଣେ ମହିଳା ଗୁରୁତର ହୋଇଛନ୍ତି। ଉକ୍ତ କୁକୁର ବୃଦ୍ଧା କିଆ ସାଗରଙ୍କୁ କ୍ଷତବିକ୍ଷତ କରି ବାରଣ୍ଡାରୁ ତଳକୁ ଘୋଷାଡ଼ି ପକାଇଥିଲା। ସେହିପରି ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ହଷ୍ଟେଲର ଛାତ୍ରୀ ଚନ୍ଦ୍ରାବତୀ ପରଜା (୧୧) କୌଣସି କାର୍ଯ୍ୟ ନେଇ ବାହାରକୁ ଯାଉଥିବା ବେଳେ ହଠାତ୍ ନିକଟସ୍ଥ ଡାକବଙ୍ଗଳା ଫାଟକରୁ ଡିଆଁମାରି ଏକ ପାଗଳା କୁକୁର ଚନ୍ଦ୍ରାବତୀଙ୍କୁ କାମୁଡ଼ିଥିଲା। ସେଠାରୁ ଆସି ହାଟପଦା ସାହିର ବାଡ଼ ମୁଦୁଲିଙ୍କ ଝିଅ ବୈଜୟନ୍ତି ମୁଦୁଲି ନିଜ ଘରେ ଥିବାବେଳେ ପାଗଳା କୁକୁର ତାଙ୍କୁ କାମୁଡ଼ିଦେଇଛି। ୩ ଜଣଙ୍କୁ ସ୍ଥାନୀୟ ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନିଆଯାଇଛି। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କୋରାପୁଟ ଜିଲା ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାନାନ୍ତର କରାଯାଇଛି ବୋଲି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଅବିନାଶ ବାରିକ କହିଛନ୍ତି।

### ଦେଶୀମଦ ଜବତ, ଜଣେ ଗିରଫ

ପାଟପୁର,୧୨।୩: ପାଟପୁର ପୋଲିସ ବୁଧବାର ସନ୍ଧ୍ୟାରେ ପୋଡ଼ାମାରି ଗ୍ରାମରେ ଚଢ଼ାଉ କରି ୯୨ ପକେଟ ଦେଶୀ ମଦ ପାଉଚ ଜବତ କରିବା ସହ ଜଣକୁ ଗିରଫ କରିଛି। ସେ ହେଲେ ପୋଡ଼ମାରି ଗ୍ରାମର କୈଳାଶ ଚନ୍ଦ୍ର ବେହେରା। ପାଟପୁର ପୋଲିସ ବୁଧବାର ସନ୍ଧ୍ୟାରେ ପାଟ୍ରୋଲିଂ କରୁଥିବାବେଳେ ଖବର ପାଇ କୈଳାଶଙ୍କ ନିକଟରୁ ୯୨ଟି ଦେଶୀ ମଦ ପାଉଚ ଜବତ କରିଥିଲେ। ନଂ.୪୪/୨୦ରେ ଏକ ମାମଲା ରୁଜୁ କରି ଗୁରୁବାର କୈଳାଶଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ଗୋପୀନାଥଙ୍କ ଦୋଳ ମହୋତ୍ସବ

ଛତ୍ରପୁର,୧୨।୩(ଡି.ଏନ.ଏ.): ଛତ୍ରପୁର ନିକଟ ଲୋକନାଥପୁର ଶାସନରେ ବୁଧବାର ଶ୍ରୀ ଶ୍ରୀ ଗୋପୀନାଥ ଦୋଳ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଓଡିଆ ଭାଷା ,ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପ୍ରାୟୋଜିତ ୨ ଟି ପ୍ରହ୍ଲାଦ ନାଟକ ଦଳ ନୃତ୍ୟ ପରିବେଷଣ କରିଥିଲେ । କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ଗୁରୁ କୃଷ୍ଣ ଚରଣ ସାହୁ ବାହାଡଗୋଡାର ପ୍ରହ୍ଲାଦ ନାଟକ ଓ ସୀମାଞ୍ଚଳ ଦାସ ବିଡିପୁରର ପ୍ରହ୍ଲାଦ ନାଟକ ଅତି ଚମତ୍କାର ଭାବେ ପୂର୍ବାହ୍ନରୁ ରାତି ପର୍ଯ୍ୟନ୍ତ ପରିବେଷଣ କରିଥିଲେ । ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ ମୁଖ୍ୟ ଅତିଥି, ଇଂ ରମେଶ ଚନ୍ଦ୍ର ପଟ୍ଟନାୟକ, ଗୁରୁ ଡ. ଗଜେନ୍ଦ୍ର କୁମାର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗୁରୁ ଓ କଳାକାରମାନଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ମାନିତ କରିଥିଲେ । ଟ୍ରଷ୍ଟି ରାଜେନ୍ଦ୍ର ପଣ୍ଡା, ଗ୍ରାମ ମୁଖ୍ୟ ମାଗତା ପଣ୍ଡା, କାଳୀ ଚରଣ ରଥ, ପ୍ରସନ୍ନ କୁମାର ରଥ, ସୂର୍ଯ୍ୟ ନାରାୟଣ ନନ୍ଦ ଓ ରଙ୍ଗନିଧି ନନ୍ଦ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

# ରାଜସ୍ୱରେ ଆଗୁଆ, ସେବା ଦେବାରେ ପଛୁଆ

ଜୟପୁର,୧୨।୩(ନି.ପ୍ର.)

କୋରାପୁଟ ଜିଲାର ଜୟପୁର ରେଳ ବିଭାଗ ଟିକେଟ ନେବାରେ ଆଗୁଆ ଥିବାବେଳେ ସେବା ପ୍ରଦାନରେ ପଛୁଆ ରହିଛି। ରେଳ କର୍ତ୍ତୃପକ୍ଷ ଚିଠି ଲେଖିଲେଖି ଥକିଲେଣି, କିନ୍ତୁ ଷ୍ଟେସନର କୌଣସି ଉନ୍ନତି ହେଉନାହିଁ। ବି-ଗ୍ରେଡ୍‌ପ୍ରାପ୍ତ ଏହି ଷ୍ଟେଶନରେ ଯାତ୍ରୀ ହଇରାଣ ହେଉଥିଲେ ମଧ୍ୟ ରେଳ ବିଭାଗ କାନ ଦେଉନାହିଁ। ପାଣି ଓ ପରିସ୍ରାଗାର ସମସ୍ୟା ଏଠାରେ ମୁଖ୍ୟ। ୩୫ ବର୍ଷ ତଳେ ଷ୍ଟେଶନରେ ଯେଉଁ ସମସ୍ୟା ଥିଲା, ଏବେମଧ୍ୟ ସେହି ସମସ୍ୟା ରହିଛି। ନୂତନ ଟ୍ରେନ ପଡ଼ିଛି, କିନ୍ତୁ ଯାତ୍ରୀଙ୍କ ଦୁର୍ଦ୍ଦଶା ବଢ଼ିଛି।

୧୯୬୬ରେ ସ୍ଥାପିତ ଜୟପୁର ଷ୍ଟେଶନ ଦେଇ ଏକମାତ୍ର ପାସେଞ୍ଜର ଟ୍ରେନ କିରଣ୍ଡୁଳ- କୋଟବାଲସା ଚାଲୁଥିଲା। ରାଜ୍ୟ ରାଜଧାନୀରୁ ୫୫୦ କିମି ଦୂରରେ ଅବସ୍ଥିତ ଜୟପୁର ଉପଖଣ୍ଡ ସହ ନବରଙ୍ଗପୁର ଓ ମାଲକାନଗିରି ଜିଲାବାସୀ ରାଜଧାନୀକୁ ସିଧା ରେଳ ସଂଯୋଗରୁ ଉପେକ୍ଷିତ ରହୁଥିଲେ। ଫଳରେ ଜରୁରୀ କାମ ପାଇଁ ଭୁବନେଶ୍ୱର ଯିବାକୁ ହେଲେ ଏହି ଅଞ୍ଚଳର ଲୋକଙ୍କୁ କୋରାପୁଟ ଯାଇ ରେଳ ଚଢ଼ିବାକୁ ପଡୁଥିଲା। ଯାତ୍ରୀଙ୍କ ଦାବିରେ ରେଳ ବିଭାଗ ହୀରାଖଣ୍ଡ, ସମଲେଶ୍ୱରୀ, ଦୁର୍ଗ, ବିଶାଖାପାଟଣା ଟ୍ରେନ ଚାଲୁ କଲେ। ବସ୍‌ରେ ୧୮ ଘଣ୍ଟା ଯାତ୍ରା ପରେ ଭୁବନେଶ୍ୱରରେ ପହଞ୍ଚି ହେଉଥିଲା। ହୀରାଖଣ୍ଡ, ସମଲେଶ୍ୱରୀ ଭାୟା ଜୟପୁର ଦେଇ ଜଗଦଲପୁର ସମ୍ପ୍ରସାରଣ ଯୋଗୁ ନୂତନ ଭାବେ ଦୁର୍ଗକୁ ଟ୍ରେନ ହେବା ପରେ ଏହି ଅଞ୍ଚଳର ଯାତ୍ରୀଙ୍କୁ ଯେତିକି ସୁବିଧା ହୋଇଛି, ତାଠାରୁ ଦୁଇଗୁଣ ଅସୁବିଧା ଭୋଗିବାକୁ ପଡ଼ିଛି। ଜଗଦଲପୁରରୁ ଭାୟା ଜୟପୁର, କୋରାପୁଟ, ରାୟଗଡ଼ା, ପାର୍ବତୀପୁରମ ବିଜୟନଗରମ ପର୍ଯ୍ୟନ୍ତ ସିଙ୍ଗଲ ଲାଇନ ହୋଇଥିବା ବେଳେ ଏହି ଲାଇନ ଦେଇ ଦାମନଯୋଡ଼ିରୁ ଉତ୍ପାଦିତ ଆଲୁମିନା




ରେଲ୍‌ୱେ ଷ୍ଟେଶନ।

ପାଉଡର, ବୈଲାଡିଲାରୁ ବାହାରୁଥିବା ଲୁହାପଥର ପରିବହନ ହେଉଛି। ଫଳରେ ଅଧିକାଂଶ ମାଲଗାଡି ଏହି ଲାଇନ ଦେଇ ଚାଲୁଛି। ହୀରାଖଣ୍ଡକୁ ତାର ଯାତ୍ରାପଥରେ ଏହି ମାଲଗାଡ଼ିକୁ ଲାଇନ କ୍ଲିୟରାନ୍ସ ଦେଇ ଗନ୍ତବ୍ୟସ୍ଥଳରେ ପହଞ୍ଚିବାକୁ ବିଳମ୍ବ ହେଉଛି। କୋରାପୁଟ, ଜୟପୁର କିମ୍ବା ଭୁବନେଶ୍ୱରରେ ପହଞ୍ଚିବା ସମୟ ୪ରୁ ୫ ଘଣ୍ଟା ଲେଖାଏ ବିଳମ୍ବ ଘଟୁଛି। ଜୟପୁର ଷ୍ଟେଶନରେ ପ୍ଲାଟଫର୍ମ ଟ୍ରେନ ବଗି ଯାଏ ଉଚ୍ଚତା ନ ଥିବାବେଳେ ଆକାରରେ ମଧ୍ୟ ଛୋଟ ଅଛି। ଅଧିକାଂଶ ସମୟରେ

**ଅବ୍ୟବସ୍ଥା ଘେରରେ ଜୟପୁର ଷ୍ଟେଶନ**

- ପ୍ରବେଶ ଫାଟକ ନାହିଁ
- ମିଳୁନି ପାନୀୟ ଜଳ
- ମୌଳିକ ଭିତ୍ତିଭୂମି ଅସଜଡ଼ା

ଯାତ୍ରୀଙ୍କୁ ଟ୍ରେନରୁ ଓହ୍ଲାଇବା ଓ ଚଢ଼ିବା ପାଇଁ ଅସୁବିଧା ହୋଉଛି। ତୁରନ୍ତ ଷ୍ଟେଶନର ପ୍ଲାଟଫର୍ମ ଉଚ୍ଚତା ବଗି ଉଚ୍ଚତା ପର୍ଯ୍ୟନ୍ତ କରାଯିବା ଓ ପ୍ଲାଟଫର୍ମ ଦୈର୍ଘ୍ୟ ବଢ଼ାଇବା ପାଇଁ ଦାବି ହେଉଛି। ପ୍ଲାଟଫର୍ମର ଛାତ କମ୍ ଥିବାରୁ ବର୍ଷା ଓ ଖରାରେ ଯାତ୍ରୀମାନେ ହଇରାଣ ହେଉଛନ୍ତି। ପ୍ଲାଟଫାର୍ମରେ ସିମେଣ୍ଟ ଚେୟାର ନାହିଁ। ଭିନ୍ନକ୍ଷମ ଓ ବରିଷ୍ଠ ନାଗରିକ ମଧ୍ୟ ବହୁ ଅସୁବିଧା ଭୋଗୁଛନ୍ତି। ଆଗକୁ ଖରାଦିନ ଥିବାବେଳେ ଷ୍ଟେଶନରେ ପାନୀୟ ଜଳର ବ୍ୟବସ୍ଥା ଠିକ ଭାବେ ନାହିଁ। ୨୦ରୁ ଅଧିକ ଷ୍ଟାଣ୍ଡ ପୋଷ୍ଟ ଥିବାବେଳେ ପାଣି ଆସୁନାହିଁ। ରେଲୱେ କୁଲି ନାହାନ୍ତି। ଷ୍ଟେଶନ ଉପରେ ନିର୍ଭରଶୀଳ ୨ ହଜାରରୁ ଅଧିକ ଦୈନିକ ଯାତ୍ରୀଙ୍କ ପାଇଁ ଆବଶ୍ୟକ ପରିମାଣରେ ରେଷ୍ଟରୁମ, ବାଥରୁମ, ଲାଟିନ ନାହିଁ। ଷ୍ଟେଶନ ସହରଠାରୁ ୬ କିମି ଦୂରରେ ଥିବାରୁ ଅଟୋବାଲାଙ୍କ ଦୌରାତ୍ମ୍ୟ ବଢ଼ି ଚାଲିଛି। ଭଡ଼ା ୧୫୦ରୁ ୨୦୦ ଟଙ୍କା ଲେଖାଏ ନେଉଛନ୍ତି। ଏଠାରେ ପ୍ରବଳ ଭିଡ଼ ହେବାରୁ ହୀରାଖଣ୍ଡ ରହଣି ସମୟ ବର୍ତ୍ତମାନ ୨ରୁ ୧୦ ମିନିଟ ଯାଏ ବଢ଼ାଇବାକୁ ଦାବି ହେଉଛି। ହୀରାଖଣ୍ଡକୁ ସାବେରୀ ଏକ୍ସପ୍ରେସ ନାମରେ ନାମିତ କରାଯିବା ପାଇଁ ମଧ୍ୟ ଦାବି ଜୋର୍ ଧରିଛି। ଏ ସମ୍ପର୍କରେ ଜୟପୁର ଷ୍ଟେଶନ ମାଷ୍ଟର ଜନ୍ କୁଜୁରୁ କହିଛନ୍ତି, ଏଠାରେ ପାଣି ସମସ୍ୟା ରହିଛି। ୧୫ ଦିନ ଭିତରେ ଏହାର ସମାଧାନ ସହ ଅନ୍ୟ ସମସ୍ୟା ଦୂର କରାଯିବ।

## କେରଳଫେରନ୍ତା ଶ୍ରମିକଙ୍କୁ ଦେଖି ଛାନିଆ ଗାଁଲୋକ

**କରୋନା ଡର**

ଜୟପୁର,୧୨।୩ (ଡି.ଏନ୍.ଏ.)

କୋରାପୁଟ ଜିଲାର ଅନେକ ଲୋକ କେରଳରେ ଶ୍ରମିକ ଭାବେ କାମ କରୁଛନ୍ତି। ଏହି ଶ୍ରମିକମାନେ ବର୍ତ୍ତମାନ ନିଜ ଗ୍ରାମକୁ ଫେରୁଥିବା ବେଳେ ସେମାନେ କାଳେ କରୋନାରେ ଆକ୍ରାନ୍ତ ଥିବା, ସେଥିପାଇଁ ଆତଙ୍କିତ ହୋଇପଡ଼ିଛନ୍ତି ଗ୍ରାମବାସୀ। କରୋନାର ଶୀକାର ହୋଇ କେରଳରେ କେତେଜଣଙ୍କ ମୃତ୍ୟୁ ହେବା ଖବର ଜାଣିବା ପରେ ଭୟ ବେଶୀ ବଢ଼ିଛି। ଗତ ବୁଧବାର ବୈପାରୀଗୁଡ଼ା ବ୍ଲକ ଦଶମନ୍ତପୁର ଗ୍ରାମର ଜଣେ ଯୁବକଙ୍କୁ ଥଣ୍ଡା, କାଶ ଜ୍ୱର ହୋଇଥିବା ବେଳେ ଗ୍ରାମବାସୀ କରୋନା ଆଶଙ୍କା କରିଥିଲେ। ଯୁବକ ଜଣଙ୍କୁ ପ୍ରଥମେ ବୈପାରୀଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆମ୍ବୁଲେନ୍ସ ଯୋଗେ ନିଆଯାଇଥିଲା। ସେଠାରୁ ଜୟପୁର ଜିଲା ଚିକିତ୍ସାଳୟ ଓ କୋରାପୁଟ ଏସ୍‌ଏଲ୍‌ଏନ୍ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ସେ କରୋନାରେ ଆକ୍ରାନ୍ତ ନ ଥିବା ପ୍ରାଥମିକ ଯାଞ୍ଚ ବେଳେ ଜଣାପଡ଼ିଛି। କେରଳ ଫେରନ୍ତା ଶ୍ରମିକଙ୍କୁ ଗ୍ରାମବାସୀ ସନ୍ଦେହ ଚକ୍ଷୁରେ ଦେଖିବା ସହ ସେମାନଙ୍କୁ ଗ୍ରାମରେ ରଖିବା ପାଇଁ ଇଚ୍ଛା ପ୍ରକାଶ କରୁନାହାନ୍ତି । ଜୟପୁର ବ୍ଲକ ବାଲିଆ ପଞ୍ଚାୟତ ବାମୁଣିପୁଟ ଗ୍ରାମର ଜଣେ ଏବଂ ନୂଆପୁଟର ୨ଜଣ ଗ୍ରାମବାସୀ କେରଳରୁ ଫେରିଛନ୍ତି । ଗ୍ରାମବାସୀ ସେମାନଙ୍କ ଗ୍ରାମରେ ରହିବା ନେଇ ଆପତ୍ତି କରିବା ଯୋଗୁ ସେମାନେ ଆଶଙ୍କାରେ ରହିଛନ୍ତି।

## ଆଇଆରଇ ଡେପୁଟି ମ୍ୟାନେଜରଙ୍କ ଆତ୍ମହତ୍ୟା

ଛତ୍ରପୁର,୧୨।୩(ଡି.ଏନ.ଏ.)

ଛତ୍ରପୁର ଉପକଣ୍ଠରେ ଥିବା ଆଇଆରଇ (ଭାରତୀୟ ବିରଳ ମୃତ୍ତିକା) ପ୍ଲାଣ୍ଟ ଡେପୁଟି ମ୍ୟାନେଜର (ମାଇନ୍ସ) ସଞ୍ଜୀବ ମଶହତ ବୁଧବାର ଆତ୍ମହତ୍ୟା କରିଛନ୍ତି । ଗୁରୁବାର ସଞ୍ଜୀବଙ୍କ ମୃତଦେହ ତାଙ୍କ ବାପାଙ୍କ ସମ୍ମୁଖରେ ଚମାଖଣ୍ଡି ପୋଲିସ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଛତ୍ରପୁର ହସ୍‌ପିଟାଲକୁ ପଠାଇଥିଲା । ଆଇଆରଇ କଲୋନୀସ୍ଥିତ କ୍ୱାର୍ଟର୍ସରେ ଥିବା ଫ୍ୟାନ୍‌ରେ ଦଉଡି ଦେଇ ସେ ଆତ୍ମହତ୍ୟା କରିଛନ୍ତି । ବୁଧବାର ଏ ସମ୍ପର୍କରେ ଖବର ପାଇ ପୋଲିସ ପହଞ୍ଚି ସେ ଫ୍ୟାନ୍‌ରେ ଝୁଲୁଥିବା ଦେଖିଥିଲା। ତାଙ୍କର ବାପା କଲିକତାରୁ ଆସିବା ପରେ ଗୁରୁବାର ମୃତଦେହକୁ ତଳକୁ ଓହ୍ଲାଯାଇଥିଲା। ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରି ସେଠାରୁ ଫେରିଛି। ଅପରପକ୍ଷରେ ଏନେଇ ଚମାଖଣ୍ଡି ପୋଲିସ ମାମଲା (ନଂ-୧/୨୦) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଆତ୍ମହତ୍ୟାର କାରଣ ଜଣାପଡି ନ ଥିଲେ ହେଁ ତାଙ୍କ ସହ ସ୍ତ୍ରୀ ରହୁ ନ ଥିଲେ । ଆଇଆରଇ ଡିଜିଏମ୍ (ସମ୍ବଳ) ଜି.କେ. ନାୟକ, ସିନିୟର ମ୍ୟାନେଜର (ସୁରକ୍ଷା) ପି.କେ.ରାଉତ, ଡିଜିଏମ୍ (ମାଇନ୍ସ) ଜେ.ଏନ୍.ଷଡଙ୍ଗୀ ଓ ସୁରେଶ ଚନ୍ଦ୍ର ପାତ୍ର ପ୍ରମୁଖ ପହଞ୍ଚି ଶ୍ରଦ୍ଧାଞ୍ଜଳୀ ଦେଇଥିଲେ।

## ସୁନା ଚେନ୍ ଚୋରି ଅଭିଯୋଗ, ଦମ୍ପତି ଗିରଫ

ଛତ୍ରପୁର,୧୨।୩(ଡି.ଏନ.ଏ)

ଛତ୍ରପୁରଠାରେ ଦେଳଯାତ୍ରା ଚାଲିଥିବା ବେଳେ ଜଣେ ମହିଳାଙ୍କ ବେକରୁ ସୁନାଚେନ୍ ଛିଣ୍ଡାଇ ନେଇଥିବା ଅଭିଯୋଗରେ ଗୁରୁବାର ଏକ ଦମ୍ପତିଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ କଟକ ମାଲଗୋଦାମ ଥାନା ଜୋବ୍ରା ଚୁନାଭାଟି ଅଞ୍ଚଳର ପି. ରବି ରାଓ ଓ ତାଙ୍କ ସ୍ତ୍ରୀ ଏସ୍. ସୁନ୍ଦରୀ । ଚୋରି ହୋଇଥିବା ୧୩ ଗ୍ରାମ ଓଜନର ସୁନା ଚେନ୍ ସେମାନଙ୍କଠାରୁ ଜବତ କରାଯାଇଛି । ଗିରଫ ଦମ୍ପତିଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଯୋଗାଯୋଗ ବେଳେ ଛତ୍ରପୁର ଥାନା ଆଇଆଇସି ପ୍ରିୟସ ରଞ୍ଜନ ଛୋଟରାୟ ସୂଚନା ଦେଇଛନ୍ତି। ୧୦ ତାରିଖ ସନ୍ଧ୍ୟାରେ ଛତ୍ରପୁରରେ ଦେଳଯାତ୍ରା ଚଳାଇଥିବା ବେଳେ ବଜାର ମୁଖ୍ୟ ରାସ୍ତାରେ ବଡଆର୍ଯ୍ୟପଲ୍ଲୀ ଗାଁର ଜି. କାମନାଙ୍କ ବେକରୁ ଅଭିଯୁକ୍ତ ରବି ସୁନାଚେନ୍ ଛିଣ୍ଡାଇ ତାଙ୍କ ସ୍ତ୍ରୀ ସୁନ୍ଦରୀଙ୍କୁ ଦେଇଥିଲେ । କାମନା ଚିତ୍କାର କରିବାରୁ ସେଠାରେ ଥିବା ଲୋକେ ରବିଙ୍କୁ କାବୁ କରିନେଇଥିଲେ ମଧ୍ୟ ସୁନ୍ଦରୀ ଚେନ୍ ଧରି ଚମ୍ପଟ ମାରିଥିଲେ । ଖବର ପାଇ ଛତ୍ରପୁର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ରବିଙ୍କୁ ଥାନାକୁ ଆଣି ପଚରାଉଚୁରା କରିଥିଲେ। ସୁନ୍ଦରୀ ଚେନ୍ ନେଇ କଟକସ୍ଥିତ ତାଙ୍କ ଘରକୁ ଚାଲିଯାଇଥିବା ଜାଣିବା ପରେ ବୁଧବାର ରାତିରେ ଛତ୍ରପୁର ପୋଲିସ କଟକ ଯାଇ ରବିଙ୍କ ଘରେ ଚଢାଉ କରି ସୁନ୍ଦରୀଙ୍କୁ ଗିରଫ କରିଥିଲା।

## ୫୦୦ କୁଇଣ୍ଟାଲରୁ ଅଧିକ ଧାନ ବିକିଥିବା ଚାଷୀଙ୍କ ହେବ ଯାଞ୍ଚ

**ତାଲିକାରେ ବିଧାୟକଙ୍କ ନାମ**

ଜୟପୁର,୧୨।୩(ଡି.ଏନ୍.ଏ.)

କୋରାପୁଟ ଜିଲାରେ ୪ଟି ବ୍ଲକର ୧୨ ଜଣ ଚାଷୀ ୫ ଶହ କୁଇଣ୍ଟାଲରୁ ଅଧିକ ଧାନ ଗତ ଖରିଫ ମଣ୍ଡିରେ ବିକିଥିଲେ। ସେହି ଚାଷୀଙ୍କ ଜମିର ପରିମାଣ, ଫସଲ ଅମଳ ଓ ବିକ୍ରି ନେଇ ସମ୍ପୂର୍ଣ୍ଣ ବିବରଣୀ ଦେବା ପାଇଁ ନିର୍ଦ୍ଦେଶ ହୋଇଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ୩ ଦିନ ମଧ୍ୟରେ ଏହି ତଥ୍ୟ ଦେବାକୁ କୋରାପୁଟ ଜିଲାପାଳ ଚିଠି କରିଛନ୍ତି। ଏଥିରେ ଜିଲାର କୋରାପୁଟ, ଜୟପୁର, କୋଟପାଡ଼ ଓ ବୋରିଗୁମ୍ମାର ୧୨ ଜଣ ଚାଷୀଙ୍କ ନାମ ଉଲ୍ଲେଖ କରାଯାଇଛି । ସେଥିରେ କୋରାପୁଟ ବ୍ଲକର ଡୁମୁରିପୁଟ ଲ୍ୟାମ୍ପ ପକ୍ଷରୁ ଧାନ କିଣାଯାଇଥିବା ଏକାମାତ୍ର ଚାଷୀ ଭାବେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ନାମ ରହିଛି। ଅନ୍ୟମାନଙ୍କ ମଧ୍ୟରେ କୋଟପାଡ଼ ବ୍ଲକ ସଦର ଲ୍ୟାମ୍ପ ପକ୍ଷରୁ ୭ ଜଣ ଚାଷୀ ରହିଛନ୍ତି। ସେମାନଙ୍କ ମଧ୍ୟରୁ ଚାଷୀ ସତ୍ୟବାଦୀ ସାହୁ, ଜୟନ୍ତୀ ବିଶୋୟୀ, ଶରତ ମାହାତି, ରଞ୍ଜିତ ବିଶୋୟୀ, ଗୋପାଳ ଚନ୍ଦ୍ର ବିଶୋୟୀ, ରଞ୍ଜିତ ନାୟକ, ସୀତାକାନ୍ତ ବିଶ୍ୱାଳ, ଜୟପୁର ବ୍ଲକରେ ଉମୁରି ଲ୍ୟାମ୍ପ ପକ୍ଷରୁ କ୍ରୟ ହୋଇଥିବା ଲକ୍ଷ୍ମୀ ନାରାୟଣ ତେଲିଆ, କଙ୍ଗା ପଞ୍ଚାୟତର ଏସ୍‌ଏଚ୍‌ଜି ଦ୍ୱାରା କ୍ରୟ ହୋଇଥିବା ଚାଷୀ ଚୈତନ ହରିଜନ ଓ ଚୈତନ ଗାଦବା, ବୋରିଗୁମ୍ମା ବ୍ଲକରେ ମା' ଦୁର୍ଗା ଏସ୍‌ଏଚ୍‌ଜି ପକ୍ଷରୁ କ୍ରୟ ହୋଇଥିବା ଏକମାତ୍ର କ୍ଷୀରସିନ୍ଧୁ ଗଣ୍ଡା ରହିଛନ୍ତି। ଜିଲାରେ ସମବାୟ, ଯୋଗାଣ, କୃଷି ଓ ରାଜସ୍ୱ ବିଭାଗ ଅଧିକାରୀ ଓ କର୍ମଚାରୀଙ୍କୁ ଏନେଇ ସମସ୍ତ କାଗଜପତ୍ର ଓ କ୍ଷେତ୍ର ପରିଦର୍ଶନ କରିବା ସହ ୭ ଦିନ ଭିତରେ ସରକାରଙ୍କୁ ଜଣାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

## ବନ ଅଧିକାରୀଙ୍କୁ ଦିନିକିଆ ତାଲିମ

ସେମିଳିଗୁଡ଼ା,୧୨।୩(ସ୍ୱ.ପ୍ର.)




ତାଲିମ କାର୍ଯ୍ୟକ୍ରମରେ ବନ ଅଧିକାରୀମାନେ।

କୋରାପୁଟ ଆଞ୍ଚଳିକ ବନ ସଂରକ୍ଷକ କାର୍ଯ୍ୟାଳୟରେ ଗୁରୁବାର ବନ ସୁରକ୍ଷା ପାଇଁ ବନ୍ୟ ଜୈବ ବିବିଧତା ହାଇଦ୍ରାବାଦ ଓ କୋଷ୍ଟାଲ ଇକୋ ସିଷ୍ଟମ, ବିଶାଖାପାଟଣାର ମିଳିତ ସହଯୋଗରେ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଆଇଏଫ୍ଏସ୍ ଅକ୍ଷୟ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ରାଜ୍ୟରେ ଶାଳ ଜଙ୍ଗଲରେ ରହିଥିବା ବିଭିନ୍ନ ପ୍ରଜାତିର ବୃକ୍ଷଲତା ସଂରକ୍ଷଣ ଓ ସେଗୁଡ଼ିକର କିପରି ପୁନରୁଦ୍ଧାର କରାଯାଇପାରିବ, ସେ ସମ୍ପର୍କରେ ଉପସ୍ଥିତ ଥିବା ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସୁଦୀପ୍ତ ଦାଶ ଓ ଏଲ୍.କେ. ଦାଶ ଯୋଗଦେଇ ନିଜର ଅଭିଜ୍ଞତା ରଖିଥିଲେ। କୋରାପୁଟ ବନଖଣ୍ଡ ଅଧିକାରୀ ରିଙ୍କୁ କୁମାରୀ ଅତିଥି ପରିଚୟ ଦେଇଥିଲେ। ଟେକ୍ନିସିଆନ ମଣିକାନ୍ତ ରେଡ୍ଡୀ, ଡ. ଏସ୍. ଚକ୍ରବର୍ତ୍ତୀ, ଟି. ଅନୁଷା ନିଜ ଗବେଷଣାର ବିଷୟ ଉପସ୍ଥାପନ କରିଥିଲେ। ଅନ୍ୟତମ ଅତିଥି ଭାବେ କଫିବୋର୍ଡ ଯୋଗାଯୋଗ ଅଧିକାରୀ ଅଜିତ କୁମାର ରାଉତ ଯୋଗଦେଇ ଜିଲାର ସମଗ୍ର ଅଞ୍ଚଳରେ କଫିଚାରା ରୋପଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିରେ ୫ଟି ବନଖଣ୍ଡ ବିଭାଗର ୪୫ ଜଣ ଅଧିକାରୀ ଯୋଗ ଦେଇଥିଲେ। ଏସ୍. ଲକ୍ଷ୍ମଣ ରାଓ, ଏମ୍. ସାଗର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କୋରାପୁଟ ଏସିଏଫ୍ ଏ. ଉମା ମହେଶ ସହଯୋଗ କରିଥିଲେ।

## କବି କୁଟୀରର ପ୍ରଥମ ସାରସ୍ୱତ ଆସର

ଜୟପୁର,୧୨।୩(ଡି.ଏନ୍.ଏ.)

କୋରାପୁଟ ଜିଲା ଜୟପୁର ଜୟନଗରସ୍ଥିତ ସାରସ୍ୱତ ବାଲ ମନ୍ଦିରଠାରେ ସହରର ନବଗଠିତ କବି କୁଟୀରର ପ୍ରଥମ ସାରସ୍ୱତ ଆସର ଅନୁଷ୍ଠିତ ହୋଇଛି। ଏହି ସଂସ୍ଥାରେ କୌଣସି କର୍ମକର୍ତ୍ତା ନ ଥିବା ବେଳେ କେବଳ ସ୍ୱରଚିତ ସାହିତ୍ୟ ଏବଂ କବିତା ଉପରେ ଏହିପରି ନିଆରା ଢଙ୍ଗରେ ଆଲୋଚନା ହୋଇଥିଲା । ଏଥିରେ କେଉଁ କବିତା ଏବଂ ସାହିତ୍ୟରେ ଶୁଦ୍ଧତା ଏବଂ ସଜାଡ଼ିହେବ ସେନେଇ ପରସ୍ପରକୁ ପରାମର୍ଶ ନେଣଦେଣ ହୋଇଥିଲା । ଏଥିରେ ସ୍ଥାନୀୟ କବି ଓ ସାହିତ୍ୟିକ ଭାବେ ବିଜୟଲକ୍ଷ୍ମୀ ପାଣିଗ୍ରାହୀ, ରଘୁନାଥ ବିଶ୍ୱାଳ, ଅବିନାଶ ସାନ୍ତ୍ରାପାତ୍ର, ପ୍ରମୋଦ ରାଉଳ, ଆତ୍ମାନନ୍ଦ ନାୟକ, ଜାନକୀ ପାଣିଗ୍ରାହୀ, ତପନ କିରଣ ତ୍ରିପାଠୀ, ନିରଞ୍ଜନ ପାଣିଗ୍ରାହୀ, ଶୋଭାଙ୍ଗିନି ନନ୍ଦ, ଯଜ୍ଞେଶ୍ୱର ପଣ୍ଡା, ଅଶୋକ ପାଢ଼ୀ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ । ବରିଷ୍ଠ ସାହିତ୍ୟିକ ତଥା ଅବସରପ୍ରାପ୍ତ ପ୍ରାଧ୍ୟାପକ ପ୍ରେମାନନ୍ଦ ଦାଶ ସମୀକ୍ଷା ସହ ପରାମର୍ଶ ଦେଇଥିଲେ। ସମର୍ପିତା ପାଣିଗ୍ରାହୀ ପ୍ରାରମ୍ଭିକ ସଙ୍ଗୀତ ଗାଇଥିଲେ। ଅଶୋକ ପଲେଇ କାର୍ଯ୍ୟକ୍ରମ ପରିଚାଳନା ଓ ଅଶୋକ ମହାରଣା ଧନ୍ୟବାଦ ଦେଇଥିଲେ।

## ନିମ୍ନମାନର ହୋଇଛି ଘାଟିରାସ୍ତା

ଜୟପୁର,୧୨।୩ (ଡି.ଏନ୍.ଏ.)

କୋରାପୁଟ-ଜୟପୁର ୨୬ ନମ୍ବର ଜାତୀୟ ରାଜପଥ ଘାଟିରାସ୍ତାରେ ନିମ୍ନମାନର କାର୍ଯ୍ୟ ହୋଇଥିବା ଅଭିଯୋଗ କରିଛନ୍ତି ଏଆଇସିସି ସଦସ୍ୟ ରବୀନ୍ଦ୍ର ମହାପାତ୍ର। ଏନେଇ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କୁ ସ୍ମାରକପତ୍ର ଦିଆଯିବା ସହ ଏହାର ବିଧିବଦ୍ଧ ତଦନ୍ତ ପାଇଁ ଦାବି କରାଯାଇଛି। ନଚେତ ଆନ୍ଦୋଳନ ସହ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା କରାଯିବ ବୋଲି ଚେତାବନୀ ଦିଆଯାଇଛି। ମହାପାତ୍ର ଲିଖିତ ଅଭିଯୋଗ କରିଛନ୍ତି ଯେ, ୨୬ ନମ୍ବର ଜାତୀୟ ରାଜପଥର ପ୍ରାୟ ୬ କିଲୋମିଟର ଘାଟିରାସ୍ତା ନିର୍ମାଣ କାମ ନିମ୍ନମାନର ହୋଇଛି। ଫଳରେ ନିର୍ମାଣର ମାତ୍ର ୧ରୁ ୨ ସପ୍ତାହ ମଧ୍ୟରେ ରାସ୍ତାର ଅନେକ ସ୍ଥାନରେ ପିଚୁ ଉଠିପଡ଼ିଛି। ଚୁକ୍ତିନାମା ଅନୁଯାୟୀ ଯେଉଁ ମାନର ପିଚୁ ବ୍ୟବହାର ହେବା କଥା, ତାହା ବଦଳରେ କମ୍ ମାନର ଓ କମ୍ ଦରର ପିଚୁ ବ୍ୟବହାର କରାଯାଇଛି। ସେହିପରି ନିର୍ଦ୍ଧାରିତ ଉଚ୍ଚତାରେ ପିଚୁ ଓ ଛୋଟ ଗୁଡିମିଶ୍ରିତ କଞ୍ଚାମାଲ ଢଳାଯିବା ବଦଳରେ କମ ମୋଟେଇରେ ଏହାକୁ ଢଳାଯାଇଛି । ଏହିପରି ପିଚୁର ମିଶ୍ରଣ ଅଧିକ ରହିବା ବଦଳରେ କମ୍ ପରିମାଣରେ ମିଶ୍ରଣ କରାଯାଇଛି । ତେଣୁ କମ୍ ମୋଟା ଓ ଅଳ୍ପ ପିଚୁ ମିଶ୍ରଣ ଯୋଗୁ ରାସ୍ତାର ଅଧିକାଂଶ ସ୍ଥାନରେ ପିଚୁ ଉଠିପଡ଼ି ଖାଲଖମା ହୋଇଛି। ଠିକାଦାର ଓ ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀ ନିମ୍ନମାନର କାର୍ଯ୍ୟ କରି ସରକାରୀ ଟଙ୍କା ହଡ଼ପ କରିବାକୁ ପ୍ରୟାସ କରିଛନ୍ତି ବୋଲି ଅଭିଯୋଗ କରାଯାଇଛି। ଦାବିପତ୍ରର ନକଲ କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ, ସଚିବ, ଜାତୀୟ ରାଜପଥ ରାଜ୍ୟ ମୁଖ୍ୟଯନ୍ତ୍ରୀଙ୍କୁ ପଠାଯାଇଛି। ଏନେଇ ନିର୍ବାହୀ ଯନ୍ତ୍ରୀ ଅଜୟ ମହାନ୍ତିଙ୍କୁ ଫୋନ୍‌ରେ ବାରମ୍ବାର ଯୋଗାଯୋଗ ପାଇଁ ଉଦ୍ୟମ ହୋଇଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିଲେ।

## ପ୍ଲାନିଂରେ ହୋଇନି ଡ୍ରେନ୍, ଆତ୍ମସାତ୍ ହୋଇଛି ଅର୍ଥ

**ଯନ୍ତ୍ରୀ, ଠିକାଦାରଙ୍କ ନାଁରେ ଅଭିଯୋଗ**

ଜୟପୁର,୧୨।୩ (ଡି.ଏନ୍.ଏ.)

ଜୟପୁର ପୌରସଂସ୍ଥା ଜୟନଗର ପାଇକସାହିର ମାରୁତି ଲାଇନରେ ୭ଲକ୍ଷରୁ ଅଧିକ ଟଙ୍କା ବ୍ୟୟରେ ଡ୍ରେନ ଓ ସିମେଣ୍ଟ ରାସ୍ତା ନିର୍ମାଣ କରିଛି। ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଘରର ପାଣି ଏହି ଡ୍ରେନ ଦେଇ ନିଷ୍କାସିତ ହେଉଛି । କିନ୍ତୁ ଯନ୍ତ୍ରୀଙ୍କ ଭୁଲ ପ୍ଲାନ ଓ ବିଭାଗର ଅବସରପ୍ରାପ୍ତ କର୍ମଚାରୀଙ୍କୁ ଠିକାଦାରଙ୍କ ସହ ମିଳିତ ଅନୁକମ୍ପା ଦେଖାଇ ଡ୍ରେନ ନିର୍ମାଣ କରାଯାଇଥିବା ଅଭିଯୋଗ ହୋଇଛି। ଉଭୟ ଡ୍ରେନର ପାଣି ବାହାର ଡ୍ରେନକୁ ସଂଯୋଗ ହୋଇ ନ ଥିବା ଯୋଗୁ ସାହିର ଶେଷମୁଣ୍ଡରେ ତାହା ଜମାହୋଇ ପୂତିଗନ୍ଧମୟ ପରିବେଶ ସୃଷ୍ଟି କରିଛି। ଏନେଇ ସାହିବାସିନ୍ଦା ଜିଲାପାଳଙ୍କୁ ଅଭିଯୋଗ ଦେବା ସହ ୫-ଟି ସଚିବଙ୍କୁ ଜଣାଇଛନ୍ତି।

ଯନ୍ତ୍ରୀ ସୁଧିର ରଞ୍ଜନ ଦାଶ ଓ ଠିକାଦାର ପୀତବାସ ବେହେରାଙ୍କ ବିରୋଧରେ ଅଭିଯୋଗରେ ଦର୍ଶାଯାଇଛି ଯେ, ଉଭୟ ବିନା ପ୍ଲାନ ଓ ଅବସରପ୍ରାପ୍ତ ପୌର କର୍ମଚାରୀ ପୌରସଂସ୍ଥାର ଜମିକୁ ଜବରଦଖଲରେ ରଖିବା ସହ ପାଚେରି ନିର୍ମାଣ କରିଛନ୍ତି। କିନ୍ତୁ ଉକ୍ତ ପାଚେରି ଭାଙ୍ଗିବା ଓ ବାହାର ଡ୍ରେନକୁ ଏହି ନବନିର୍ମିତ ଡ୍ରେନକୁ ସଂଯୋଗ କରିବା ବଦଳରେ ମାରୁତି ଲାଇନର ଶେଷମୁଣ୍ଡରେ ଏହି ଦୁଇଟି ଡ୍ରେନକୁ ଅସମ୍ପୂର୍ଣ୍ଣ ଭାବେ ଛାଡ଼ି ଦିଆଯାଇଛି। ଫଳରେ ଡ୍ରେନ ପାଣି ନିଷ୍କାସିତ ହୋଇ ନ ପାରି ଶେଷମୁଣ୍ଡରେ ଜମା ହେଉଛି। କେବଳ ସେତିକି ନୁହେଁ, ଅସମ୍ପୂର୍ଣ୍ଣ କାର୍ଯ୍ୟର ବିଲ୍ ପ୍ରସ୍ତୁତ କରାଯାଇ ସଂପୃକ୍ତ ଠିକାଦାରଙ୍କୁ ଟଙ୍କା ପୈଠ କରାଯାଇଥିବା, ଉଭୟ ଯନ୍ତ୍ରୀ ଓ ଠିକାଦର ସରକାରୀ ଟଙ୍କା ଲୁଟିଥିବା ଅଭିଯୋଗ କରାଯାଇଛି। ଏନେଇ ପୌର ନିର୍ବାହୀ ଅଧିକାରୀଙ୍କ ନିକଟରେ ଅଭିଯୋଗ କରାଯାଇଥିଲା। ପୌର ଅଧିକାରୀ ତୁରନ୍ତ ଏହାର ସମାଧାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ ସଂପୃକ୍ତ ଯନ୍ତ୍ରୀ ବିଭିନ୍ନ ଆଳ ଦେଖାଇ ଏହାର ସମାଧାନ କରିବା ବଦଳରେ ପାଲଟା କୌଣସି ସମାଧାନ ହୋଇପାରିବ ନାହିଁ ବୋଲି କହୁଛନ୍ତି। ତେଣୁ ତୁରନ୍ତ ପୌରସଂସ୍ଥାର ଯନ୍ତ୍ରୀ ଓ ଠିକାଦାରଙ୍କ ବିରୋଧରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନେବାକୁ ସାହି ବାସିନ୍ଦା ଶଙ୍କର ପ୍ରହରାଜ, ଗୀତାଞ୍ଜଳି ମହାରଣା, ଜ୍ୟୋସ୍ନାରାଣୀ ପ୍ରଧାନ, କେଶବ ନାଗ, ଇନ୍ଦିରା ଦାଶ, ଅଶୋକ ପ୍ରହରାଜ, ସୁମତି ପଣ୍ଡା, ତୁମ୍ବନାଥ ବେହେରା, ନିବେଦିତା ସାହୁ, କୁମୁଦିନୀ ବେହେରା ଦାବି କରିଛନ୍ତି।



ଅବ୍ୟବସ୍ଥିତ ଡ୍ରେନ୍।



ଋଣକୁ ସମ୍ପୂର୍ଣ୍ଣ ପରିଶୋଧ କରିବା ଉଚିତ। ନିଆଁକୁ ସମ୍ପୂର୍ଣ୍ଣ ଲିଭାଇ ଦେବା ଏବଂ ରୋଗ ମୁକ୍ତ ହେବା ଆବଶ୍ୟକ। କାରଣ ଋଣ, ଅଗ୍ନି ଓ ବ୍ୟାଧିର ଅବଶେଷ ରହିଲେ ତାହା ପୁଣି ବଢ଼ିଯାଏ।
-ଚାଣକ୍ୟ



## ସଂକ୍ଷେପରେ



### ଶିଶୁ ମନ୍ଦିରର ସମାବର୍ତ୍ତନ ଉତ୍ସବ

**ଟିକିରି,୧୨।୩(ଡି.ଏନ୍.ଏ.):** ରାୟଗଡ଼ା ଜିଲା କାଶିପୁର ବ୍ଲକ୍ ଅନ୍ତର୍ଗତ ଟିକିରି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସମାବର୍ତ୍ତନ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ରଘୁନାଥ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଟିକିରି ହାଇସ୍କୁଲର ସଂସ୍କୃତ ଶିକ୍ଷକ ରଞ୍ଜିତ୍ କୁମାର ମିଶ୍ର ଓ ସମ୍ମାନୀତ ଅତିଥିଭାବେ ପରିଚାଳନା କମିଟିର କୋଷାଧକ୍ଷ ନରେନ୍ଦ୍ର ନାୟକ ଯୋଗଦେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ମିଶ୍ର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ। ଛାତ୍ରୀଛାତ୍ରମାନେ ନିଜକୁ ଉତ୍ତମ ମଣିଷଭାବେ ଗଢ଼ିତୋଳିବା ପାଇଁ ସେ ମାର୍ଗଦର୍ଶନ କରିଥିଲେ। ଉତ୍ସବରେ ନିକଟରେ ପରୀକ୍ଷା ଦେଇଥିବା ଦଶମ ଶ୍ରେଣୀ ଛାତ୍ରୀଛାତ୍ର ଯୋଗଦେଇଥିଲେ। ୯ମ ଶ୍ରେଣୀ ଛାତ୍ରୀଛାତ୍ରାନେ ସେମାନଙ୍କ ଉଜ୍ଜଳ ଭବିଷ୍ୟ କାମନା କରିଥିଲେ। ସେହିପରି ୧୦ମ ଶ୍ରେଣୀ ଛାତ୍ରୀଛାତ୍ରମାନେ ଛୋଟ ଭଉଣୀ ଭାଇମାନଙ୍କୁ ଭଲ ପାଠ ପଢ଼ିବା ପାଇଁ ପରାମର୍ଶ ଦେଇଥିଲେ। କିଶୋର ଚନ୍ଦ୍ର ବେହେରା, ସାଗରିକା ଦାଶ, ବିଶ୍ୱମୋହନ ମହାନ୍ତ, ତପସ୍ୱୀନି ବେହେରା, ସାଗରିକା ପରିଡ଼ା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଝୁଲନ୍ତା ମୃତଦେହ ଉଦ୍ଧାର

**କାଶିପୁର, ୧୨।୩ (ଡି.ଏନ୍.ଏ.):** ରାୟଗଡ଼ା ଜିଲା କାଶିପୁର ବ୍ଲକ ଗୋରଖପୁରଠାରେ ଥିବା ଆମ୍ବତୋଟାରୁ ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଗୁରୁବାର ଉଦ୍ଧାର କରିଛି। ସେ ହେଲେ ପଞ୍ଜାବ ରାଜ୍ୟର ପ୍ରଗତ ସିଂ । ବ୍ୟକ୍ତିଙ୍କ ଶାର୍ଟ ଓ ପ୍ୟାଣ୍ଟରେ ତାଙ୍କୁ ବନ୍ଧା ଯାଇଥିବା ବେଳେ ଆଣ୍ଠୁ ତଳେ ଲାଗିଥିଲା । ପାରିପାର୍ଶ୍ୱିକ ସ୍ଥିତିକୁ ଦେଖିଲେ ତାଙ୍କୁ କେହି ହତ୍ୟା କରି ଟାଙ୍ଗିଦେଇଥିବା ପୋଲିସ ସନ୍ଦେହ କରୁଛି । ସେ ଦୋରାଗୁଡାସ୍ଥିତ ଉତ୍କଳ ଆଲୁମିନା ସମ୍ପ୍ରସାରଣ କାମ କରୁଥିବା ବେଳେ ଗୋରଖପୁର ଗ୍ରାମର ଅଜିତ୍ ସାହୁଙ୍କ ଘରେ ଭଡ଼ାରେ ରହୁଥିଲେ। ଗତ ୧୦ ତାରିଖରୁ ବ୍ୟକ୍ତି ଜଣକ କେଉଁ ଆଡ଼େ ଚାଲି ଯାଇଥିଲେ। ବୁଧବାର ଗ୍ରାମର କିଛି ମହିଳା କାଠ ଆଣିବାକୁ ଜଙ୍ଗଲ ଯାଇଥିବା ବେଳେ ମୃତଦେହ ଦେଖି ଘର ମାଲିକ ଅଜିତଙ୍କୁ ଜଣାଇଥିଲେ। ପରେ ଘର ମାଲିକ ଉକ୍ତ କମ୍ପାନୀ ଅଧିକାରୀଙ୍କୁ ଜଣାଇଥିଲେ। ଖବର ପାଇ ଟିକିରି ପୋଲିସ ସୁଗ୍ୟାନୀ ସାହୁ, ବିକାଶ ପ୍ରଧାନ ଓ ଅନ୍ୟ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଥିଲେ ମଧ୍ୟ ସନ୍ଧ୍ୟା ହୋଇଯାଇଥିବାରୁ ଉଦ୍ଧାର କରିବା ସମ୍ଭବ ହୋଇ ନ ଥିଲା। ଗୁରୁବାର ସକାଳେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା ।

### ଯୌତୁକ ପାଇଁ ମହିଳାଙ୍କୁ ହତ୍ୟା ଅଭିଯୋଗ

**ଗୁଣପୁର,୧୨।୩(ଡି.ଏନ.ଏ):** ରାୟଗଡା ଜିଲା ଗୁଣପୁର ବ୍ଲକ ରେଗେଡା ପଞ୍ଚାୟତ ବୁର୍ତ୍ତିଗୁଡା ଅଞ୍ଚଳରେ ରହୁଥିବା ମଲି ଶବରଙ୍କୁ ଯୌତୁକ ପାଇଁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ଥାନାରେ ଗୁରୁବାର ଏକ ଯୌତୁକଜନିତ ହତ୍ୟା ମାମଲା ରୁଜୁ ହୋଇଛି । ୬ବର୍ଷ ତଳେ ବାବୁଲା ଶବର ମରାଠିଗୁଡା ଅଞ୍ଚଳର ମଲିଙ୍କୁ ପ୍ରେମ ବିବାହ କରିଥିଲେ । ଏହାପରେ ଉଭୟେ ବୁର୍ତ୍ତିଗୁଡାଠାରେ ରହୁଥିଲେ । ହେଲେ ବୁଧବାର ରାତିରେ ମଲିଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଥିଲା । ଏହାକୁ ନେଇ ମଲିଙ୍କ ପରିବାରରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ସହ ଉତ୍ତେଜନା ଦେଖାଦେଇଥିଲା । ମଲିଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ ତାଙ୍କ ଭାଇ ରାଜୁ ଶବର ଗୁଣପୁର ଥାନାରେ ଏତଲା ଦେଇଥିଲେ । ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଆଇଆଇସି ରଶ୍ମି ରଞ୍ଜନ ପ୍ରଧାନ ସୂଚନା ପ୍ରଦାନ କରିଛନ୍ତି ।

# କଟକରୁ ଫେରିଆସିଲେ ଅପପୁଷ୍ଟି ଶିକାର ଶିଶୁ

**ଚନ୍ଦ୍ରପୁର, ୧୨।୩ (ଡି.ଏନ୍.ଏ.)**

- ଚିକିତ୍ସାରେ ବାଧକ ସାଜିଲା ଅର୍ଥ
- ଗୁରୁବାର ଗାଁକୁ ଯାଇ ସ୍ୱାସ୍ଥ୍ୟାବସ୍ଥା ବୁଝିଲେ ବରିଷ୍ଠ ନେତା, ଅଧିକାରୀ
- ଶିଶୁଙ୍କ ପରିବାରକୁ ସହାୟତା ଦାବି କଲେ ଗ୍ରାମବାସୀ



ଅପପୁଷ୍ଟିର ଶୀକାର ହୋଇଥିବା ଶିଶୁ ଓ ଅନ୍ୟମାନେ।

ଚିକିତ୍ସାରେ ପୁଣି ବାଧକ ସାଜିଲା ଅର୍ଥ। ଟଙ୍କା ନ ଥିବାରୁ କଟକ ବଡ଼ମେଡିକାଲରୁ ଅପପୁଷ୍ଟିର ଶିକାର ହୋଇଥିବା ୬ମାସର ଶିଶୁପୁତ୍ରକୁ ଧରି ବୁଧବାର ଗାଁକୁ ଫେରିଛନ୍ତି ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ବୁଡିବାଲି ପଞ୍ଚାୟତ ଦ୍ରାହାଗଡ଼ା ଗାଁର ରେଟାଙ୍ଗ ଗୁଲୁଡୁକା। ଗୁରୁବାର ଗୁଣପୁର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟିକା ହେମା ଗମାଙ୍ଗ, ଭାଜପା ବରିଷ୍ଠ ନେତା ୱାଇ ଗଣପତି, ବିଶ୍ୱ ହିନ୍ଦୁ ପରିଷଦ ସଭ୍ୟ ଗୋପାଳ ପାତ୍ର, ଓଡ଼ିଶା ଜୀବିକା ମିଶନର ଜିଲା ପ୍ରୋଜେକ୍ଟ ମ୍ୟାନେଜର ହେମନ୍ତ ବାଗ, ବ୍ଲକ ବିପିଏମ୍ ଶ୍ରବଣ କୁମାର ସିଂ ପ୍ରମୁଖ ଦ୍ରାହାଗଡାରେ ପହଞ୍ଚି ଶିଶୁଟିର ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି।

ସୂଚନା ଅନୁଯାୟୀ, ଗତ ଶୁକ୍ରବାର ଅପପୁଷ୍ଟିର ଶିକାର ହୋଇଥିବା ଉକ୍ତ ଶିଶୁର ସ୍ୱାସ୍ଥ୍ୟ ପରୀକ୍ଷା କରି ସ୍ୱାସ୍ଥ୍ୟକେନ୍ଦ୍ରର ଭ୍ରାମ୍ୟମାଣ ଗାଡି ଚିକିତ୍ସା ପାଇଁ ଚନ୍ଦ୍ରପୁର ଡାକ୍ତରଖାନାକୁ ନେଇଥିଲା। ସେଠାରେ ଆବଶ୍ୟକ ପରୀକ୍ଷା କରିବା ପରେ ରବିବାର ବ୍ରହ୍ମପୁର ବଡ଼ଡାକ୍ତରଖାନାକୁ ପଠାଯାଇଥିଲା। ସେଠାରେ ଚିକିତ୍ସା ପାଇଁ ଉପଯୁକ୍ତ ସୁବିଧା ନ ଥିବା ଦର୍ଶାଇ ଡାକ୍ତରମାନେ ଶିଶୁଟିକୁ କଟକ ବଡ଼ଡାକ୍ତରଖାନାକୁ ପଠାଇଥିଲେ। କଟକରେ ଡାକ୍ତରମାନେ ପିଲାଟିକୁ ଦେଖି ମୁଣ୍ଡରେ ପାଣି ଜମି ଥିବାରୁ ତାହା ବଢୁଛି ବୋଲି କହିଥିଲେ। ଅପରେଶନ ପାଇଁ ପ୍ରାୟ ୪୦ହଜାର ଟଙ୍କା ଖର୍ଚ୍ଚ ହେବ ବୋଲି କହିଥିଲେ। ଟଙ୍କା ନ ଥିଲେ ଇନ୍‌କମ୍ ସାର୍ଟିଫିକେଟ ଜମା କଲେ ମଧ୍ୟ ଅପରେଶନ ହୋଇପାରିବ ବୋଲି ଡାକ୍ତର କହିଛନ୍ତି। ଆମ ପାଖରେ ଟଙ୍କା କି ସାର୍ଟିଫିକେଟ ନ ଥିବାରୁ ଫେରିଆସିଛୁ ବୋଲି ଶିଶୁଟିର ସମ୍ପର୍କୀୟ ରମେଶ ଗୁଲୁଡୁକା କହିଛନ୍ତି। ଶିଶୁଟିକୁ ବର୍ତ୍ତମାନ ପାନୀୟ ଖାଦ୍ୟ ସହ କ୍ଷୀର ପିଇବାକୁ ଦିଆଯାଉଛି ବୋଲି ଦ୍ରାହାଗଡା ଅଙ୍ଗନୱାଡି କର୍ମୀ ଜୟନ୍ତୀ ମଲ୍ଲିକ କହିଛନ୍ତି। ରେଟାଙ୍ଗଙ୍କ ପରିବାରର ଆର୍ଥିକସ୍ଥିତି ବହୁତ ଖରାପ। ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ଅତିଶୀଘ୍ର ପଦକ୍ଷେପ ନେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ସରକାରୀ ସାହାଯ୍ୟ ନ ମିଳିଲେ ପିଲାଟିକୁ ବଞ୍ଚାଇବା କଷ୍ଟକର ହୋଇ ପଡିବ ବୋଲି ରେଟାଙ୍ଗ କହିଛନ୍ତି।



କୃଷକମେଳାରେ ଯୋଗଦେଇଥିବା ଅତିଥି ଓ କୃଷକମାନେ।

## କୃଷକ ସମ୍ପର୍କ ମେଳା

**ଗୁଣପୁର,୧୨।୩(ଡି.ଏନ.ଏ)**

ରାୟଗଡା ଜିଲା ଚନ୍ଦ୍ରପୁର ବ୍ଲକ ରାଜୀବଗାନ୍ଧୀ ସେବାକେନ୍ଦ୍ରଠାରେ କୃଷକ ସମ୍ପର୍କ ମେଳା ଅନୁଷ୍ଠିତ ହୋଇଯାଇଛି । ଗୁଣପୁର ଆଇଟିଡିଏ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ଓଡିଶା ଜନଜାତି ସଶକ୍ତୀକରଣ ଓ ଜୀବିକା ନିର୍ବାହ କାର୍ଯ୍ୟକ୍ରମ ପ୍ଲସ ଆନୁକୂଲ୍ୟରେ ଏହି ମେଳା ଆୟୋଜିତ ହୋଇଥିଲା । ଚନ୍ଦ୍ରପୁର କୃଷି ଅଧିଦର୍ଶକ ଏଲ.ସତ୍ୟନାରାୟଣ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ବୁଡୁବାଲି କୃଷି ଅଧିଦର୍ଶକ ଉଦୟ ଚନ୍ଦ୍ର ନିମାଲପୁରୀ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ଚନ୍ଦ୍ରପୁର ବ୍ଲକ ର ଜୀବିକା ତଥା ସାମାଜିକ ବିଶେଷଜ୍ଞ ଅକ୍ଷୟ କୁମାର ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏଥିରେ କିରମା, କୁର୍ତ୍ତିଗୁଡା, ଚନ୍ଦ୍ରପୁର, ବିନ୍ଦିରି, ମୁନାରି ଗାଁ, ପାଟୁତାଳି, ଲତିଗୁଡା ଏବଂ ସୀତାପଙ୍ଗା ଆଦି ଅଞ୍ଚଳରୁ କୃଷକମାନେ ସାମିଲ ହୋଇଥିଲେ ।

## ଗୁଣପୁର ଓକିଲ ସଂଘ ନିର୍ବାଚନ

# ସମସ୍ତ ପ୍ରାର୍ଥିପତ୍ର କାଏମ

**ଗୁଣପୁର,୧୨।୩(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁରଠାରେ ଓକିଲ ସଂଘ ନିର୍ବାଚନ ଆସନ୍ତା ୨୮ ତାରିଖରେ ଅନୁଷ୍ଠିତ ହେବ । ଏଥିପାଇଁ ଗତ ୫ ଏବଂ ୬ ତାରିଖ ଦୁଇ ଦିନ ଧରି ୮ ଜଣ ନାମାଙ୍କନ ପତ୍ର ଦାଖଲ କରିଥିଲେ । ସଭାପତି ଏବଂ ସମ୍ପାଦକ ପାଇଁ ୪ଟି ଲେଖାଏଁ ନାମାଙ୍କନ ପତ୍ର ଦାଖଲ ହୋଇଥିଲା । ଗତ ୭ରେ ପ୍ରାର୍ଥିପତ୍ର ଯାଞ୍ଚ ହୋଇଥିଲା । ଗୁରୁବାର ସମସ୍ତ ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର କାଏମ ରହିଛି । ସଭାପତି ପାଇଁ ରାଜେନ୍ଦ୍ର ପ୍ରସାଦ ପାଢୀ, ବ୍ରହ୍ମାନନ୍ଦ ପଟ୍ଟନାୟକ, ଫଣୀ ଭୂଷଣ ପଟ୍ଟନାୟକ ଏବଂ ଗଦାଧର ପଣ୍ଡାଙ୍କ ନାମାଙ୍କନ ପତ୍ର କାଏମ ରହିଛି । ସେହିପରି ସମ୍ପାଦକ ପାଇଁ ରମେଶଚନ୍ଦ୍ର ଲିମା, ଗୋବିନ୍ଦ ସାହୁ, ବିଷ୍ଣୁ ପାଢୀ ଏବଂ ଇନ୍ଦ୍ରାକ୍ଷୀ ପ୍ରସାଦ ଦାସଙ୍କ ପ୍ରାର୍ଥିପତ୍ର କାଏମ ରହିଛି । ୧୩ ତାରିଖରେ ୧୧ଟାରୁ ଅପରାହ୍ନ ୪ଟା ମଧ୍ୟରେ ନାମାଙ୍କନ ପତ୍ର ପ୍ରତ୍ୟାହାର କରାଯିବ । ଆସନ୍ତା ୧୪ ତାରିଖରେ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ । ୨୮ ତାରିଖ ଭୋଟ ହେବା ସହ ସେହିଦିନ ଗଣତି ଏବଂ ଫଳାଫଳ ପ୍ରକାଶ ପାଇବ । ନିର୍ବାଚନ ଅଧିକାରୀ ଭାବେ ମନୋଜ ରତ୍ନାଲୁ ଏହି କାର୍ଯ୍ୟ ପରିଚାଳନା କରୁଛନ୍ତି ।

## ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ କମିଟି ବୈଠକ



ବୈଠକରେ ଜିଲାପାଳଙ୍କ ସହ ଅନ୍ୟମାନେ।

**ରାୟଗଡ଼ା ଅଫିସ ,୧୨।୩**

ରାୟଗଡ଼ା ଜିଲାପାଳ ପ୍ରମୋଦ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଏକ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ କମିଟି ବୈଠକ ଗୁରବାର ଡ଼ିଆରଡ଼ିଏ କନଫରେନ୍ସ ହଲରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଖରା ଦାଉରୁ ରକ୍ଷା ନେଇ ପଦକ୍ଷେପ ନେବାକୁ ଜିଲାପାଳ ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । ପୋଲିସ ପ୍ରଶାସନ, ଅଗ୍ନିଶମ ବିଭାଗ, ଜରୁରୀକାଳୀନ ଅଧିକାରୀ ସୁବ୍ରତ ପାଣିଗ୍ରାହୀ, ପ୍ରକଳ୍ପ ଅଧିକାରୀ ଜ୍ୟୋତିର୍ମୟୀ ପାତ୍ର, ତହସିଲଦାର ଉମାଶଙ୍କର ବେହେରା, ଆଞ୍ଚଳିକ ପରିବହନ ଅଧିକାରୀ ଦିଲୀପ କୁମାର ଦଳେଇ, ସାମାଜିକ ସୁରକ୍ଷା ଅଧିକାରୀ ଆଦିପତି କଅଁର , ସାଉଥ୍‌କୋ ନିର୍ବାହୀ ଯନ୍ତ୍ରୀ ନାରାୟଣ ନାୟକ , ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଏହି ବୈଠକରେ ଆମ ପାଖରେ ସମ୍ବଳ କଣ ଅଛି ଆମେ କିପରି ପ୍ରାକୃତିକ ବିପର୍ଯ୍ୟୟ ଆସିଲେ ମୁକାବିଲା କରିବା ସେ ନେଇ ଆଲୋଚନା ହୋଇଥିଲା । ମୁଖ୍ୟତ ଏଥିରେ ୫ଟି ଏନଜିଓ କାମ କରୁଛନ୍ତି ଯେଉଁମାନେ କି ଗ୍ରାମାଞ୍ଚଳରେ ଗୋଟିଏ ଲେଖାଏଁ କମିଟି ଗଠନ କରିବେ ଏବଂ ସେମାନଙ୍କୁ ପ୍ରାକୃତିକ ବିପର୍ଯ୍ୟୟ ଆସିଲେ ଏହାର କିପରି ମୁକାବିଲା କରିବେ ସେ ନେଇ କମିଟି ସଦସ୍ୟମାନଙ୍କୁ ତାଲିମ ପ୍ରଦାନ କରିବେ ବୋଲି ଆଲୋଚନା ହୋଇଥିଲା । ଉପଯୁକ୍ତ ସମ୍ବଳ ଏବଂ ଯନ୍ତ୍ରପାତି ବ୍ୟବହାରରେ ଆଗକୁ ଆସୁଥିବା ପ୍ରଶମନର ସାମ୍ନା କରାଯିବ ବୋଲି ଜିଲାପାଳ କହିଛନ୍ତି ।

## ନାବାଳିକାଙ୍କ ଆତ୍ମହତ୍ୟା

**ରାୟଗଡ଼ା ଅଫିସ ,୧୨।୩**

ରାୟଗଡ଼ା ଜିଲା ସେସଖାଲ ଥାନା ଅନ୍ତର୍ଗତ ଗାଜିଗାଁ ଗ୍ରାମରେ ଗୁରୁବାର ଜଣେ ନାବାଳିକା କୀଟନାଶକ ଖାଇ ଆତ୍ମହତ୍ୟା କରିଛନ୍ତି । ସେ ହେଲେ ନାଗେଶ୍ୱର କଣ୍ଡାଗରୀଙ୍କ ଝିଅ ସସ୍ମିତା କଣ୍ଡାଗରୀ (୧୭) । ପାରିବାରିକ କଳହକୁ କେନ୍ଦ୍ର କରି ସେ ଆତ୍ମହତ୍ୟା କରିଥିବା ଜଣାଯାଇଛି । ରୋଷେଇ କାର୍ଯ୍ୟକୁ ନେଇ ନାଗେଶ୍ୱର ଓ ସସ୍ମିତାଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା । ପରେ ସସ୍ମିତା କଥା ସହ୍ୟ କରି ନ ପାରି ଘରେ ଥିବା କୀଟନାଶକ ପିଇ ଦେଇଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଜେମାଦେଇପେଣ୍ଠ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ପରେ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ପୂର୍ବରୁ ମଧ୍ୟ ୨ ଥର ଆତ୍ମହତ୍ୟା ଉଦ୍ୟମ କରିଥିଲେ ବୋଲି ତାଙ୍କ ବାପା ନାଗେଶ୍ୱର ପ୍ରକାଶ କରିଛନ୍ତି । ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏନେଇ ପୋଲିସ ସେସଖାଲ ଥାନାରେ ଏକ ମାମଲା ( ୦୨/୨୦) ରୁଜୁ କରି ତଦନ୍ତ ଚଳାଇଛି ।

## ବିଦ୍ୟୁତ୍ ଆଘାତରେ ମୃତ୍ୟୁ

**ଆସିକା,୧୨।୩ (ଡି.ଏନ୍.ଏ.)**

ଆସିକା ଥାନା ନାରାୟଣପୁର ଗ୍ରାମରେ ବିଦ୍ୟୁତ୍ ଆଘାତରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଭାସ୍କର ନାଇକ। ଭାସ୍କର ତାଙ୍କ ଘରେ ହିଟର୍‌ରେ ରୋଷେଇ କରୁଥିବାବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ତାଙ୍କୁ ଆସିକା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଗୁଣପୁର-ନୌପଡା ରେଳପଥରେ ବିଦ୍ୟୁତୀକରଣ କାର୍ଯ୍ୟ ସରିଲା

### ରେଳ ସୁରକ୍ଷା କମିଶନରଙ୍କ ଟିମ୍ ୧୫ରେ କରିବେ ଯାଞ୍ଚ

**ଗୁଣପୁର,୧୨।୩(ଡି.ଏନ.ଏ)**

ଗୁଣପୁର-ନୌପଡା ୯୦ କିମି ରେଳପଥରେ ବିଦ୍ୟୁତୀକରଣ କାର୍ଯ୍ୟ ଶେଷ ହୋଇଛି । ଏହାକୁ ଅନୁଧ୍ୟାନ ତଥା ଯାଞ୍ଚ କରିବା ପାଇଁ କୋଲକାତାରୁ ରେଳ ସୁରକ୍ଷା କମିଶନରଙ୍କ ଏକ ଟିମ୍ ୧୫ ତାରିଖରେ ଆସିବେ । ନୌପଡାରୁ ସକାଳ ୮ଟାରୁ ବାହାରି ଟେକିଲିରେ ପହଞ୍ଚିବା ପରେ ବିଦ୍ୟୁତୀକରଣ ଜନିତ ସମସ୍ତ କାର୍ଯ୍ୟ ତଦାରଖ କରିବେ। ପୂର୍ବାହ୍ନ ସାଢେ ୧୦ ଟାରେ ପାରଳାଖେମୁଣ୍ଡିରେ ପହଞ୍ଚିବେ । ସେଠାରେ କାର୍ଯ୍ୟ ଯାଞ୍ଚ କରିବା ପରେ ଅପରାହ୍ନ ୧ଟାରେ ଗୁଣପୁରକୁ ଆସିବେ । ଗୁଣପୁରଠାରେ ଷ୍ଟେଶନର ବିଦ୍ୟୁତୀକରଣ କାର୍ଯ୍ୟ ସହ ଶର୍ଟ ସର୍କିଟ ଟେଷ୍ଟ କରିବେ । ସୁରକ୍ଷା ପ୍ରତିନିଧି ଦଳର ଯାଞ୍ଚ ରିପୋର୍ଟ ପ୍ରଦାନ ପରେ ଏହି ରେଳପଥରେ ବିଦ୍ୟୁତ ରେଳ ଚଳାଚଳ କରିବା ନେଇ ପଥ ପରିଷ୍କାର ହେବ । ଗୁଣପୁର ଏବଂ ଗଜପତି ଜିଲାବାସୀଙ୍କ ଦୀର୍ଘ ଦିନର ଦାବି ପୂରଣ ହେବାକୁ ଯାଉଥିବାରୁ ଲୋକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ପରିଲକ୍ଷିତ ହୋଇଛି ।

## ଶିଳ୍ପ ଉଦ୍ୟୋଗୀ ସପ୍ତାହ ପାଳିତ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ଗୁଣପୁର,୧୨।୩(ଡି.ଏନ.ଏ)**

ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟଠାରେ ଶିଳ୍ପୋଦ୍ୟୋଗୀ ସପ୍ତାହ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲା ଶିଳ୍ପ କେନ୍ଦ୍ର ସହକାରୀ ପରିଚାଳକ ୟାସି ଢୁଙ୍ଗଢୁଙ୍ଗ, ରାୟଗଡା ଭାରତୀୟ ଷ୍ଟେଟ ବ୍ୟାଙ୍କର ଗ୍ରାମୀଣ ଆତ୍ମ ନିଯୁକ୍ତି ପ୍ରଶିକ୍ଷକ କେନ୍ଦ୍ର ନିର୍ଦ୍ଦେଶକ ଜି.ଭେଙ୍କେଟ ରାମଣା, ଗୁଣପୁରସ୍ଥିତ ନାରାୟଣ କାଜୁ ଅଧ୍ୟବସାୟର ଜି.ଶ୍ରୀନିବାସ ରାଓ, ଜିଆଇଇଟି ବିଶ୍ୱବିଦ୍ୟାଳୟ ସ୍କୁଲ ଅଫ ମ୍ୟାନେଜମେଣ୍ଟର ଡିନ ଡ.ପ୍ରଭାସ ରଞ୍ଜନ ମହାପାତ୍ର ପ୍ରମୁଖ ଯୋଗ ଦେଇ ବିଭିନ୍ନ କ୍ଷୁଦ୍ର ଏବଂ ମଧ୍ୟମ ଶିଳ୍ପ କିଭଳି ଗଠନ କରିହେବ ସେନେଇ ବିଦ୍ୟାର୍ଥୀମାନଙ୍କୁ ଅବଗତ କରାଇଥିଲେ । ଯୁବ ଗୋଷ୍ଠୀ ନିଜେ ସ୍ୱାବଲମ୍ବୀ ହୋଇପାରିବେ ଏବଂ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଉଥିବା ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ । ଆଇପିଓ ସବ୍ୟସାଚୀ ସାହୁ ଧନ୍ୟବାଦ ଦେଇଥିଲେ। ବିଶ୍ୱବିଦ୍ୟାଳୟ ସ୍କୁଲ ଅଫ ଇଂଜିନିୟରିଂ ଆଣ୍ଡ ଟେକ୍ନୋଲୋଜିର ଡିନ ଡ. ସି.ଭି. ରେଡ୍ଡୀ, ଆର ଆଣ୍ଡ ଡିର ଡିନ ଜେ.ବି.ବି.ସୁବ୍ରମନ୍ୟମ ପ୍ରମୁଖ ମଞ୍ଚାସୀନ ଥିଲେ । ପ୍ରଫେସର ରାଧାନାଥ ପାତ୍ର, ପ୍ରଫେସର ଚିରଞ୍ଜିବୀ ରାମବାବୁ ଆଚାରୀ ଓ ପ୍ରଫେସର ଦେବାଶିଷ ମହାପାତ୍ର ଏହାକୁ ପରିଚାଳନା କରିଥିଲେ ।

# ଆଦିବାସୀଙ୍କ ଭାଗ୍ୟ ବଦଳାଉଛି ଜୈବିକ ପଦ୍ଧତି ପରିବା ଚାଷ

**ମୁନିଗୁଡା, ୧୨।୩(ଡି.ଏନ୍.ଏ.)**



ଜୈବିକ ପଦ୍ଧତିରେ କରାଯାଇଥିବା ପରିବା ଚାଷ।



ଜଣେ ମହିଳା ଟମାଟୋ ନେଉଛନ୍ତି।



ଅମଳ ହୋଇଥିବା କୋବି।

ଜଙ୍ଗଲ ଉପରେ ନିର୍ଭର କରୁଥିବା ଆଦିବାସୀଙ୍କ ରୋଜଗାରର ପନ୍ଥା ପାଲଟିଛି ଏବେ ପରିବା ଚାଷ। ତାହା ପୁଣି ଜୈବିକ ପଦ୍ଧତିରେ। ଲୋକମାନେ ସ୍ୱାସ୍ଥ୍ୟ ପ୍ରତି ଏବେ ବେଶ୍ ସଚେତନ। ତେଣୁ ରାସାୟନିକ ପଦ୍ଧତିରେ ଚାଷ ହୋଇଥିବା ପରିବା ଅପେକ୍ଷା ଜୈବିକ ସାର ବ୍ୟବହାର କରି ଯେଉଁ ଅମଳ କରାଯାଉଛି, ତାହାକୁ ଲୋକମାନେ ବେଶ୍ ପସନ୍ଦ କରୁଛନ୍ତି। ଜୈବିକ ପଦ୍ଧତିରେ ଚାଷ କରି ଏବେ ଭଲ ଦୁଇ ପଇସା ରୋଜଗାର କରୁଛନ୍ତି ରାୟଗଡା ଜିଲା ମୁନିଗୁଡା ବ୍ଲକ ଧୋବାଗୁଡି ଗ୍ରାମବାସୀ।

ଧୋବାଗୁଡ଼ି ଗ୍ରାମବାସୀ ବର୍ଷାଦିନେ କେବଳ ଧାନଚାଷ କରୁଥିଲେ। ଅନ୍ୟ ଋତୁଗୁଡିକରେ ଜଙ୍ଗଲଜାତ ଦ୍ରବ୍ୟ ସହ କାଠ, ପତ୍ର ସଂଗ୍ରହ କରି ପରିବାର ଚଳାଉଥିଲେ। ଅନ୍ୟ କୌଣସି ଚାଷ କରିବା ଉପାୟ ଜାଣି ନ ଥିବା ବେଳେ ଗାଁରେ ଜଳସେଚନର ସୁବିଧା ମଧ୍ୟ ନ ଥିଲା। ଏହା ଭିତରେ ଲୋକଙ୍କୁ ବାଟ ଦେଖାଇଲା ହର୍ଷ ଟ୍ରଷ୍ଟ। ସୋଲାର ସିଷ୍ଟମ ସାହାଯ୍ୟରେ ଫସଲ ପାଇଁ ଆବଶ୍ୟକ ଜଳ ଯୋଗାଇ ଦିଆଯିବ ବୋଲି ଟ୍ରଷ୍ଟ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ଟ୍ରଷ୍ଟ ପକ୍ଷରୁ ଚାଷୀଙ୍କୁ ଉତ୍ତମ କିସମର ବିହନ ସହ ଜୈବିକ ପଦ୍ଧତିରେ ଚାଷ ପାଇଁ ତାଲିମ ପ୍ରଦାନ ଦିଆଯାଇଥିଲା।

### ଅମଳ ବାଟ ଦେଖାଇଛି ହର୍ଷ ଟ୍ରଷ୍ଟ

ଗୋମୂତ୍ର, ଗୋବରଖତ, ଜିଆଖତ ଓ ହାଣ୍ଡିଖତ ପ୍ରୟୋଗ କରି ଏହି ଚାଷୀମାନେ ଖରାଦିନେ ବ୍ରକଲି, କ୍ୟାପସିକମ୍, ଟମାଟୋ, ବାଇଗଣ, ମରିଚ ଭଳି ଲାଭଦାୟକ ଚାଷ କରୁଛନ୍ତି। ବଜାରରେ ମଧ ଜୈବିକ ପଦ୍ଧତିରେ କରାଯାଇଥିବା ଚାଷର ଚାହିଦା ଭଲ ରହିଛି। ଫସଲକୁ ବଜାରରେ ବିକି ଭଲ ଦୁଇ ପଇସା ରୋଜଗାର କରିପାରୁଛୁ ବୋଲି ଚାଷୀ ଅଞ୍ଜନା ପିଡିକାକା, ପୁରନ୍ଦର ପିଡିକାକା, ସବିତା ବେହେରା, ଶୁଭକାନ୍ତି ପିଡିକାକା, ନମିତା ପିଡିକାକା, ରାଇବେନି ପିଡିକାକା, ଦୁରା ପିଡିକାକା, ନୀଳାମ୍ବର ପିଡିକାକା, ପୀତାମ୍ବର ପିଡିକାକା, ପୁରୁଷୋତ୍ତମ ପିଡିକାକା, ଦୁଲୁ ପିଡିକାକା ପ୍ରମୁଖ କହିଛନ୍ତି। ମୁନିଗୁଡ଼ା ବ୍ୟତୀତ ବିଷମକଟକ ବ୍ଲକ ଅଞ୍ଚଳର ଅନେକ ଗ୍ରାମରେ ମଧ ଜୈବିକ ପଦ୍ଧତିରେ ଚାଷ କରାଯାଉଛି। ଆହୁରି ଅନେକ ଗ୍ରାମରେ ଚାଷୀମାନଙ୍କୁ ଜୈବିକ ପଦ୍ଧତିରେ ଚାଷ ସମ୍ପର୍କୀୟ ତାଲିମ ଦିଆଯିବ ବୋଲି ହର୍ଷ ଟ୍ରଷ୍ଟ ଜିଲା ସଂଯୋଜକ ଶରତ ସାହୁ ଓ ଉଦ୍ଧବ ସାହୁ କହିଛନ୍ତି।

## ସଂକ୍ଷେପରେ

### ୨ ଯୁବକଙ୍କ ଆତ୍ମହତ୍ୟା

ରାଇଘର,୧୨।୩(ଡି.ଏନ.ଏ)-ନବରଙ୍ଗପୁର ଜିଲା ରାଇଘର ବ୍ଲକର ପୃଥକ ଗ୍ରାମରେ ଘରୋଇ କଳିକୁ ନେଇ ୨ ଜଣ ଯୁବକ ବୁଧବାର ଆତ୍ମହତ୍ୟା କରିଛନ୍ତି। ବ୍ଲକର ପାରୁଆ ଓ ପଛାଚୁଆଁ ଗ୍ରାମରେ ଏହି ଘଟଣା ଦେଖିବାକୁ ମିଳିଛି। ପାରୁଆ ଗ୍ରାମରେ ଅଖତୁରାମ ଗଣ୍ଡ (୪୫) ନିଜ ସ୍ତ୍ରୀ ଯଶୋଦା ସହ ସନ୍ଧ୍ୟାରେ ଗଣ୍ଡଗୋଳ କରି ନ ଖାଇ ଶୋଇ ପଡିଥିଲେ। ବିଳମ୍ବିତ ରାତିରେ ଉଠି ଘର ଆଗରେ ଥିବା ଦୁଲମରେ ଗାମୁଛା ବେକରେ ବାନ୍ଧି ଆତ୍ମହତ୍ୟା କରିଥିଲେ। ସକାଳୁ ଉଠି ସ୍ତ୍ରୀ ଯଶୋଦା ଏହା ଦେଖି ଗ୍ରାମବାସୀଙ୍କୁ ଜଣାଇଥିଲେ। ଗ୍ରାମର ପଦୁରାମ ଗଣ୍ଡ ରାଇଘର ଥାନାରେ ଖବର ଦେଇଥିଲେ। ସବଇନ୍ସପେକ୍ଟର ଗଗନେଶ୍ୱର ମାଝି ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ଥାନାରେ ନଂ ୮/୨୦ରେ ମାମଲା ରୁଜୁ କରି ତଦନ୍ତ କରୁଛନ୍ତି। ସେହିଭଳି କୁମୁଲି ପଞ୍ଚାୟତର ପଛାଚୁଆଁ ଗ୍ରାମର ରାମଚନ୍ଦ୍ର ଗଣ୍ଡ ଗତ ୬ ମାସ ହେବ ଏଣେତେଣେ ବୁଲିବା ସହ କାହା ସହ କଥାବାର୍ତ୍ତା କରୁ ନ ଥିଲେ। ବୁଧବାର ସେହି ଗ୍ରାମରେ ଏକ ବାହାଘର ଭୋଜି ଥିବାରୁ ଘରେ ରୋଷେଇ ହୋଇ ନଥିଲା। ଏହାକୁ ନେଇ ରାମଚନ୍ଦ୍ର ସ୍ତ୍ରୀ ପ୍ରମିଳା ସହ ଗଣ୍ଡଗୋଳ କରିବା ପରେ ଏକ କୋଠରୀ ଭିତରେ ପଶି ଯାଇଥିଲେ। ସେହି କୋଠରି ଭିତରେ ଥିବା ଏକ ଦୁଲମରେ ବେକରେ ରସି ଲଗାଇ ଆତ୍ମହତ୍ୟା କରିଥିଲେ। ପ୍ରମିଳା ଏହା ଦେଖି ଗ୍ରାମରେ ଜଣାଇଥିଲେ। ପରିବାର ଲୋକ ଏ ସମ୍ପର୍କରେ ଥାନାରେ ଜଣାଇଥିଲେ। ରାଇଘର ଥାନା ଏଏସଆଇ ବଟକୃଷ୍ଣ ଗୌଡ ଘଟଣାସ୍ଥଳେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ରାଇଘର ଥାନାରେ ଏକ ଅପମୃତ୍ୟୁ ମାମଲା ନଂ ୯/୨୦ ପୋଲିସ ରୁଜୁ କରି ତଦନ୍ତ କରୁଛି।

### ମାସକରେ ୨୭ ନାବାଳିକା ବିବାହ ରୋକିଲା ପ୍ରଶାସନ



ନବରଙ୍ଗପୁର,୧୨।୩(ବି.ପ୍ର.)- ନବରଙ୍ଗପୁର ଜିଲାରେ ମାସକ ମଧ୍ୟରେ ୨୭ଟି ନାବାଳିକା ବିବାହ ପ୍ରଶାସନ ପକ୍ଷରୁ ରୋକା ଯାଇଛି। ଗୁରୁବାର କୋଷାଗୁମୁଡା ବ୍ଲକ ଅଧୀନ ଫାର୍ସାଗୁଡା ଗାଁରେ ଏକ ନାବାଳିକା ବିବାହ ରୋକାଯାଇଛି। କୋଡିଙ୍ଗା ପୋଲିସ, କୋଷାଗୁମୁଡା ସିଡିପିଓ ଏବଂ ପରିବର୍ତ୍ତନ ଫାଉଣ୍ଡେସନ ନାବାଳିକା ବିବାହ ରୋକିବାରେ ସଫଳ ହୋଇଛନ୍ତି। ପ୍ରଶାସନ ପକ୍ଷରୁ ସଚେତନ କରାଯାଉଛି। ବିଭିନ୍ନ ଗଣମାଧ୍ୟମରେ ନାବାଳିକା ତଥା ବାଲ୍ୟ ବିବାହ ଆଇନ ସମ୍ମତ ନୁହେଁ ତାହା ପ୍ରଚାର ପ୍ରସାର ମଧ୍ୟ କରାଯାଉଛି। ସେହିଭଳି ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ବାଲ୍ୟ ବିବାହ ସମ୍ପର୍କରେ ରହିଥିବା ବିଭିନ୍ନ ଆଇନ ସମ୍ପର୍କରେ ମଧ୍ୟ ଶିବିର ଗୁଡିକ କରାଯାଇ ସଚେନତ କରାଯାଉଛି । ଶିବିରରେ ଲୋକ ପ୍ରତିନିଧି, ମହିଳା ମାନଙ୍କୁ ମଧ୍ୟ ସାମିଲ କରାଯାଉଛି। ତେବେ ଲୋକଙ୍କ ମଧ୍ୟରେ ଜାଗୃତି ଏଯାଏ ଆସିନାହିଁ। ସଚେନତ ଓ ମାନସିକର ପରିବର୍ତ୍ତନ ନହେବା ଯାଏ ଜିଲାରେ ନାବାଳିକା ବିବାହ ରୋକିବା କଷ୍ଟ ସାଧ ହୋଇପଡିବ।

# ମଦ ବିକ୍ରି ବନ୍ଦ ନିମନ୍ତେ ଧାରଣା

ତେନ୍ତୁଳିଖୁଣ୍ଟି,୧୨।୩(ଡି.ଏନ.ଏ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକରେ ନିଶା ଦ୍ରବ୍ୟ ଓ ମଦ କାରାବାର ଦିନକୁ ଦିନ ବୃଦ୍ଧି ପାଉଛି। ପାନ ଦୋକାନରେ ମଦ ପାଉଚ ଠୁ ଆରମ୍ଭ କରି ସିଗାରେଟ ମଧ୍ୟରେ ଗଞ୍ଜେଇ ବିକ୍ରି ହେଉଛି। ଏଥିପ୍ରତି ପୋଲିସ ଓ ଅବକାରୀ ବିଭାଗ ଦୃଷ୍ଟି ଦେଉନି। ଲୋକ ଦେଖାଣିଆ ଭାବେ ଅବକାରୀ ବିଭାଗ ମାସକୁ ଥରେ ଦୁଇ ଥର ଦେଶୀ ମଦ ରନ୍ଧା ସ୍ଥାନରେ ଚଢାଉ କରି ହାଣ୍ଡି ଓ ଡ୍ରମ ଜବତ କରି ନିଜ କର୍ତ୍ତବ୍ୟ ସାରି ଦେଉଛନ୍ତି। ତେନ୍ତୁଳିଖୁଣ୍ଟି ପରିସୀମା କଳାହାଣ୍ଡି, କୋରାପୁଟ ଓ ରାୟଗଡା ଜିଲାକୁ ଲାଗି ରହିଛି। ବ୍ଲକରେ ମଦ କାରବାର ବୃଦ୍ଧି ପାଉଥିବାରୁ ବିଶୃଙ୍ଖଳା ସୃଷ୍ଟି ହେଉଛି। ମଦ ଓ ଗଞ୍ଜେଇ ବିକ୍ରିକୁ ବନ୍ଦ କରିବା ପାଇ ଦୃଢ ପଦକ୍ଷେପ ନେବାକୁ ମଦର ଟେରେସା ସ୍ୱୟଂ ସହାୟକ ଦଳ ସଭାନେତ୍ରୀ ପ୍ରମିଳା ସାମନ୍ତରାୟ, ଜ୍ୟୋତ୍ସ୍ନାରାଣୀ ବାଘ, ବବିତା ହିଆଲ ପ୍ରମୁଖ ଜିଲାପାଳଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର ଦେଇଥିଲେ। ବିଡିଓଙ୍କ ଅନୁପସ୍ଥିତିରେ ଏସଇଓ ବଳରାମ ସୁନା ଦାବିପତ୍ର ଗ୍ରହଣ କରିଥିଲେ। ସେହିପରି ମଦ ବିକ୍ରି ବନ୍ଦ କରିବା ପାଇଁ ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ପି. ନାଗରତ୍ନମ, ଜିଲା ମା' ଘର ଅଧକ୍ଷା କାଦମ୍ବିନୀ ତ୍ରିପାଠୀଙ୍କ ସହ ଶତାଧିକ ମହିଳା ତେନ୍ତୁଳିଖୁଣ୍ଟି ଥାନାରେ ଧାରଣାରେ ବସିଥିଲେ। ପୂର୍ବତନ ଏମପି ପ୍ରଦୀପ ମାଝି, ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ, ଜିଲା କଂଗ୍ରେସ ଆଦିବାସୀ ସେଲର ସଭାପତି ଅଖିଳ ଭତ୍ରା,ଯୁବ କଂଗ୍ରେସ ସମ୍ପାଦକ ସୁମିତ ପୁଜାରୀ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ। ଏସଡିପିଓ ଟି.ବୁରୁଦା, ତେନ୍ତୁଳିଖୁଣ୍ଟି ଥାନା ଭାରପ୍ରାପ୍ତ ଅଧିକାରୀ ପରମାନନ୍ଦ ସୁନାନୀ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ତହସିଲଦାର ପ୍ରଦୀପ କୁମାର କର ଆଲୋଚନା କରି ୧୫ ଦିନ ମଧ୍ୟରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।



ମା' ଘର ଅଧକ୍ଷା ଓ ମହିଳାମାନେ ସ୍ମାରକପତ୍ର ଦେଉଛନ୍ତି। ।

# ଗଛ ଉପରେ ୫ ଘଣ୍ଟା ରହିଲା ଭାଲୁ

## ବନବିଭାଗ ଉଦ୍ୟମରେ ଜଙ୍ଗଲରେ ଛଡାଗଲା

ନନ୍ଦାହାଣ୍ଡି,୧୨।୩(ଡି.ଏନ.ଏ.)

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଦହଣା ପଞ୍ଚାୟତ ଅଧୀନ ଗଦିଆଗୁଡା ଗାଁକୁ ଖାଦ୍ୟ ଅନ୍ୱେଷଣରେ ଆସିଥିବା ଏକ ଭାଲୁ ଗଛ ଉପରେ ଚଢି ୫ ଘଣ୍ଟା ରହିଥିଲା। ଲୋକେ ଭୟଭୀତ ହୋଇ ବନ ବିଭାଗକୁ ଖବର ଦେଇଥିଲେ । ୱାଇଲ୍ଡଲାଇଫ ଟିମ ପହଞ୍ଚି ଭାଲୁକୁ ଗଛରୁ ଓହ୍ଲାଇବା ପାଇଁ ସୁଯୋଗ ସୃଷ୍ଟି କରିବା ସହ ଜଙ୍ଗଲ ଆଡକୁ ଯିବାକୁ ଦେଇଥିଲେ। ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଦହଣା ପଞ୍ଚାୟତ ଅଧିନ ଗଦିଆଗୁଡା ଗାଁର କେତେକ ମହିଳା ସକାଳୁ କାମକରିବାକୁ ଯାଉଥଲେ। ଗୋଟିଏ ଗଛରେ ଭାଲୁ ପ୍ରାୟ ୨୦ ଫୁଟ ଉଚ୍ଚରେ ଚଢି ରହିଥିବା ଦେଖିବାକୁ ପାଇଥିଲେ । ମହିଳାମାନେ ଗାଁକୁ ଫେରି ଆସି ଲୋକଙ୍କୁ ଜଣାଇଥିଲେ। ଏହା ପ୍ରଚାରିତ ହେବା ପରେ ଭାଲୁକୁ ଦେଖିବା ପାଇଁ ଗାଁ ଓ ସ୍ଥାନୀୟ ଲୋକ ଗଛର କିଛି ଦୂରରେ ଘେରି ହୋଇ ରହିଥିଲେ। ବନ ବିଭାଗକୁ ଖବର ଦିଆଯିବା ପରେ ୱାଇଲ୍ଡଲାଇଫ ଟିମ ପହଞ୍ଚି ପ୍ରଥମେ ଘେରି ରହିଥିବା ଲୋକଙ୍କୁ ଉକ୍ତ ସ୍ଥାନରୁ ଚାଲିଯିବାକୁ କହିଥିଲେ। ପରେ ଭାଲୁକୁ ଗଛରୁ ଓହ୍ଲାଇ ଜଙ୍ଗଲ ଆଡକୁ ଯିବାକୁ ଦେଇଥିଲେ। ନବରଙ୍ଗପୁର ଜିଲାରେ ଏବେ ଆମ୍ବ ଅମଳ ସମୟ । ସେହିଭଳି ମକା ଫସଲରେ ମଧ୍ୟ ଜିଲାର ନାଁ ରହିଛି । ଲଙ୍କା ଆମ୍ବ ବଗିଚା ମଧ୍ୟ ନବରଙ୍ଗପୁର ଜିଲାରେ ଭରପୁର ରହିଛି। ଜଙ୍ଗଲରେ ପାଣି ଓ ଖାଦ୍ୟର ଅଭାବ ରହୁଥିବାରୁ ଖାଦ୍ୟ ଅନ୍ୱେଷଣରେ ଭାଲୁ ଗାଁରେ ପଶି ଯାଉଛନ୍ତି । ନବରଙ୍ଗପୁର ଜିଲାରେ ୩ ବର୍ଷରେ ୮୭ ଜଣ ଭାଲୁ ଆକ୍ରମଣର ଶିକାର ହୋଇଛନ୍ତି । ୮ ଜଣଙ୍କ ମୃତ୍ୟୁ ଘଟିଛି।

# ନବରଙ୍ଗପୁର, ମାଲକାନଗିରି ଜିଲାରେ ମେଡିକାଲ କଲେଜ ପାଇଁ ରାଜ୍ୟ ସରକାର ପ୍ରସ୍ତାବ ଦେବାକୁ ଦାବି

ନବରଙ୍ଗପୁର,୧୨।୩(ବି.ପ୍ର.)

କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ହର୍ଷବର୍ଦ୍ଧନଙ୍କୁ ନବରଙ୍ଗପୁର ପୂର୍ବତନ ଏମପି ବଳଭଦ୍ର ମାଝି ସାକ୍ଷାତ କରି ନବରଙ୍ଗପୁର ଓ ମାଲକାନଗିରି ଜିଲାରେ ପ୍ରାଥମିକତା ଭିତ୍ତିରେ ମେଡିକାଲ କଲେଜ ସ୍ଥାପନ ପାଇଁ ଜଣାଇଥିଲେ। ମନ୍ତ୍ରୀ ହର୍ଷବର୍ଦ୍ଧନ କହିଥିଲେ ଯେ, ନବରଙ୍ଗପୁର ଓ ମାଲକାନଗିରି ଜିଲା ପାଇଁ ଏଯାଏ ପ୍ରସ୍ତାବ ଆସି ନାହିଁ। ବିଗତ ବଜେଟରେ ଅର୍ଥମନ୍ତ୍ରୀ ପ୍ରତ୍ୟେକ ଜିଲାରେ ଯେଉଁଠି ମେଡିକାଲ କଲେଜ ନାହିଁ ସେହି ଜିଲାରେ ମେଡିକାଲ କଲେଜ ପ୍ରତିଷ୍ଠା ହେବ ବୋଲି ଘୋଷଣା କରିଥିଲେ। ଏଥିରେ ଆକାଂକ୍ଷା ଜିଲାକୁ ପ୍ରାଧାନ୍ୟତା ଦେବା କଥା ମଧ୍ୟ କହିଥିଲେ । ଓଡିଶା ସରକାର ଚଳିତ ବର୍ଷ ୫ଟି ଜିଲାର ପ୍ରସ୍ତାବ ପଠାଇଥିଲେ ମଧ୍ୟ ନବରଙ୍ଗପୁର ଓ ମାଲକାନଗିରି ଭଳି ଆଦିବାସୀ ଅଧ୍ୟୁଷିତ ପଛୁଆ ଜିଲା ପ୍ରତି ଅଣ ଦେଖା କରିଛନ୍ତି ।




କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ଭାଜପା ପ୍ରତିନିଧି ଦଳ ଆଲୋଚନା କରୁଛନ୍ତି ।

ଏନେଇ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି ଯେ, ସରକାରଙ୍କୁ ଅନୁରୋଧ କରି ପ୍ରସ୍ତାବ ପଠାଇଲେ ଆଗାମୀ ଆର୍ଥିକ ବର୍ଷରେ ନିଶ୍ଚିତ ଭାବେ କାର୍ଯ୍ୟକାରୀ କରାଯିବ ବୋଲି କହିଛନ୍ତି । ପଛୁଆ ତଥା ଅନୁନ୍ନତ ଅଞ୍ଚଳରେ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ହୋଇ ପଡିଛି । ସେହି ଭଳି ଅଞ୍ଚଳକୁ ଓଡିଶା ସରକାର ପାତର ଅନ୍ତର କରୁଛନ୍ତି । ଏହା ନିନ୍ଦନୀୟ । ଏନେଇ ରାଜ୍ୟ ସରକାର ଉକ୍ତ ଦୁଇଟି ଜିଲାରେ ମେଡିକାଲ କଲେଜ ସ୍ଥାପନ ପାଇଁ ପ୍ରସ୍ତାବ ଦିଅନ୍ତୁ ବୋଲି ପୂର୍ବତନ ଏମପି ବଳଭଦ୍ର କହିଛନ୍ତି । ସାକ୍ଷାତ ସମୟରେ ଜିଲା ଭାଜପା ସଭାପତି ଜଗଦିଶ ବିଷୋୟୀ, ଯୁବ ନେତା ଗୌରୀ ଶଙ୍କର ମାଝୀ ଉପସ୍ଥିତ ଥିଲେ ।

### ଯୁବପିଢିଙ୍କ ମଧ୍ୟରେ ଦୃଢ ମନୋବଳ ଜରୁରୀ

ଉମରକୋଟ, ୧୨।୩(ଡି.ଏନ.ଏ)

ସ୍ଥାନୀୟ ବ୍ଲକ ସମ୍ମିଳନୀକକ୍ଷରେ ନ୍ୟାସନାଲ ୟୁଥ ଅର୍ଗାନାଇଜେସନ ଓ ନବରଙ୍ଗପୁର ନେହେରୁ ଯୁବ କେନ୍ଦ୍ର ମିଳିତ ଆନୁକୂଲ୍ୟରେ ଜିଲାସ୍ତରୀୟ ଯୁବ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ୟୁଥ ଅର୍ଗାନାଇଜେସନର ପ୍ରତିଷ୍ଠାତା ସମୀର କୁମାର ପ୍ରଧାନ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଉମରକୋଟର ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ନେହେରୁ ଯୁବ କେନ୍ଦ୍ରର ଜିଲା ସଂଯୋଜକ ଭୁକ୍ୟା ରମେଶ, ସମ୍ମାନିତ ଅତିଥି ଉଦୟ ଶଙ୍କର ବେହେରା, ବିଡିଓ ଦେବୀପ୍ରସାଦ ଟାଲି, ମିତ୍ର କୁମାର ଶର୍ମା, ସୟଦ କାଜମ ମଦାନୀ, ଅଶୋକ କୁମାର ସାହୁ , ଶ୍ରୀନିବାସ ପଟ୍ଟନାୟକ ଯୋଗ ଦେଇଥିଲେ। ସମୀର କୁମାର ପ୍ରଧାନ ଅତିଥି ପରିଚୟ ଦେଇଥିଲେ। ଯୁବଗୋଷ୍ଠୀ ଦୃଢ ମନୋବଳ ଓ ଆତ୍ମବିଶ୍ୱାସକୁ ପାଥେୟ କରି ଭବିଷ୍ୟତ ନିର୍ମାଣରେ ବ୍ରତୀ ହେବାକୁ ମୁଖ୍ୟଅତିଥି ପରାମର୍ଶ ଦେଇଥିଲେ। ରମେଶ ଚନ୍ଦ୍ର ପଟ୍ଟନାୟକଙ୍କୁ ବିଦ୍ୟାଭାରତୀ ସମ୍ମାନ, ଭୁକ୍ୟା ରମେଶଙ୍କୁ ଯୁବଶକ୍ତି ସମ୍ମାନ, ଉଦୟଶଙ୍କର ବେହେରାଙ୍କୁ ସେବା ଭାରତୀ ସମ୍ମାନ, ମନୋରମା ମହାପାତ୍ରଙ୍କୁ ସାହିତ୍ୟ ଭାରତୀ ସମ୍ମାନ, ଅଶୋକ କୁମାର ସାହୁଙ୍କୁ ଶିକ୍ଷା ଭାରତୀ ସମ୍ମାନ, ଇଂ ଚନ୍ଦନା ମଲ୍ଲିକଙ୍କୁ ଯୁବ ଭାରତୀ ସମ୍ମାନରେ ସମ୍ବର୍ଦ୍ଧିତ କରିଥିଲେ। ଟୁଟୁବାବୁ ପଟ୍ଟନାୟକ ପରିଚାଳନା କରିଥିଲେ ।

# ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମିଳିବ ଅଲଟ୍ରାସାଉଣ୍ଡ ସୁବିଧା



ଅଲଟ୍ରାସାଉଣ୍ଡ ମେଶିନ ଗୃହକୁ ଉଦଘାଟନ କରାଯାଉଛି ।

ଉମରକୋଟ, ୧୨।୩(ଡି.ଏନ.ଏ)

ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଅଲଟ୍ରାସାଉଣ୍ଡ ମେଶିନ ଗୁରୁବାର ଉଦଘାଟିତ ହୋଇଛି । ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ୪ଟି ବ୍ଲକର ପ୍ରାୟ ୮ଲକ୍ଷ ଲୋକ ନିର୍ଭର କରନ୍ତି । କିନ୍ତୁ ଗର୍ଭବତୀମାନେ ଅଲଟ୍ରାସାଉଣ୍ଡ ନିମନ୍ତେ ୬୦କିମି ଦୂର ନବରଙ୍ଗପୁର କିମ୍ବା ବାହାର ରାଜ୍ୟ ଛତିଶଗଡକୁ ଯାଇ ଅଲଟ୍ରାସାଉଣ୍ଡ କରୁଥିଲେ । ଯାହା ଦ୍ୱାରା ବହୁ ଅସୁବିଧା ଭୋଗ କରିବା ସହ ପ୍ରାୟ ୬୦କିମି ଯାଇ ବହୁ ଖର୍ଚ୍ଚାନ୍ତ ମଧ୍ୟ ହେଉଥିଲେ । ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଲଟ୍ରାସାଉଣ୍ଡ କାର୍ଯ୍ୟକ୍ଷମ ହେବା ପରେ ଅଞ୍ଚଳବାସୀଙ୍କ ବହୁଦିନର ଅପେକ୍ଷାର ଅନ୍ତ ଘଟିଛି । ପ୍ରଥମ ଦିନରେ ୫ଗର୍ଭବତୀଙ୍କ ଅଲଟ୍ରାସାଉଣ୍ଡ କରାଯାଇଥିଲା। ପ୍ରତ୍ୟେକ ସପ୍ତାହର ବୁଧବାର ଓ ଶୁକ୍ରବାର ୧୦ଟାରୁ ୧୨ଟା ପର୍ଯ୍ୟନ୍ତ ୨୦ ଜଣ ରୋଗୀ ଏହାର ସୁବିଧା ପାଇବେ ବୋଲି ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ତ୍ରୀ ଓ ପ୍ରସୂତୀ ବିଭାଗର ଡାକ୍ତର ସୁମନ୍ତ କୁମାର ରାଉଳ କହିଛନ୍ତି।

# ମଣ୍ଡିରେ ଧାନ ବିକ୍ରି ପାଇଁ ଚାଷୀଙ୍କୁ ମିଳିଲା ଟୋକନ

ଚନ୍ଦାହାଣ୍ଡି, ୧୨।୩(ଡି.ଏନ.ଏ.)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକରେ ମଣ୍ଡିରେ ଧାନ ବିକ୍ରି କରିବା ପାଇଁ ଆରମ୍ଭରୁ ଚାଷୀ ହଇରାଣ ହେଉଥିଲେ। ଚଳିତବର୍ଷ ଇ-ଟୋକନ ବ୍ୟବସ୍ଥା ହେବାରୁ ବହୁଚାଷୀଙ୍କ ମୋବାଇଲକୁ ମେସେଜ ଆସି ନ ଥିଲା। କୋଇଲିମୁଣ୍ଡା, ଚନ୍ଦାହାଣ୍ଡି, ଧୋଡିପାଣି ମଣ୍ଡିରେ ଧାନବିକ୍ରିର ଅବ୍ୟବସ୍ଥାକୁ ନେଇ ଚାଷୀମାନେ ଆନ୍ଦୋଳନ କରିଥିଲେ । ଚନ୍ଦାହାଣ୍ଡି ଏବଂ ଧୋଡିପାଣି ମଣ୍ଡିରେ ଥିବା ସମସ୍ତ ଚାଷୀଙ୍କ ଧାନ ଲ୍ୟାମ୍ପସ କିଣିଥିଲେ । ପୁଜାରୀଗୁଡା ଏବଂ କୋଇଲିମୁଣ୍ଡାରେ ଚାଷୀଙ୍କ ଧାନ ବିକ୍ରି କରିବା ପାଇଁ ଆସିଥିବା ମେସେଜ ଡିଲିଟ ହୋଇଯିବାରୁ ଏକ ମାସ ପର୍ଯ୍ୟନ୍ତ ଖରା ବର୍ଷା ଶୀତ କାକରରେ ଚାଷୀଙ୍କ ଧାନ ପଡି ରହିଥିଲା। ଅଦିନିଆ ବର୍ଷାରେ ପାଣିରେ ଭିଜି ଧାନ ଗଜା ହୋଇଥିବା ଦେଖିବାକୁ ମିଳିଥିଲା । ଏହା ପରେ ଚନ୍ଦାହାଣ୍ଡି ଭାଜପା ପ୍ରତିନିଧି ଦଳ ପକ୍ଷରୁ ପୂର୍ବତନ ଏମପି ବଳଭଦ୍ର ମାଝି, ପୂର୍ବତନ ଜିଲା ସଭାପତି ଗୋବିନ୍ଦ ଜୈନ, ଜିଲା ପରିଷଦ ସଭ୍ୟ ଶ୍ୟାମ ମାଝି, ଭାଜପା ନେତା ଦିଲୀପ ଦାସ, ମଣ୍ଡଳ ସଭାପତି ପ୍ରତାପ ବାଘ, ଡମ୍ବରୁ ମାଝି, ମହେନ୍ଦ୍ର ନାୟକ, ପ୍ରଭାତ ସୁନା, ଭୁବନେଶ୍ୱର ସାଇ,ଗଗନେଶ୍ୱର ମାଝି, ଯାଦବ ବରର୍ତ୍ତି ପ୍ରମୁଖ ଫେବୃୟାରୀ ୨୬ତାରିଖରେ ବିଡିଓଙ୍କୁ ଭେଟି ମଣ୍ଡିରେ ଥିବା ସମସ୍ତ ଚାଷୀଙ୍କ ଧାନ ଉଠାଇବା ପାଇଁ ଦାବିପତ୍ର ଦେଇଥିଲେ। ବିଭିନ୍ନ ବିଭାଗୀୟ ଅଧିକାରୀକୁ ତୁରନ୍ତ ପଦକ୍ଷେପ ନେବା ପାଇଁ ପୂର୍ବତନ ଏମପି ମାଝି ହସ୍ତକ୍ଷେପ କରିଥିଲେ। ଏହା ପରେ ଅଦିନିଆ ବର୍ଷାରେ କୋଇଲିମୁଣ୍ଡା, ପୂଜାରୀଗୁଡା ମଣ୍ଡିରେ ଧାନ ପଡି ନଷ୍ଟ ହେବା ପରେ ପୁଣି ଥରେ ଚାଷୀଙ୍କ ଅନୁରୋଧକ୍ରମେ ଗତ ୬ତାରିଖରେ ଜିଲାପାଳ ଏବଂ ରାଜ୍ୟ ଯୋଗାଣ ବିଭାଗ ସମ୍ପାଦକଙ୍କୁ ଧାନ ନ ଉଠିଲେ ଆନ୍ଦୋଳନ ହେବ ବୋଲି ବଳଭଦ୍ର କହିଥିଲେ। ରାଜ୍ୟ ଯୋଗାଣ ବିଭାଗ ପକ୍ଷରୁ ୭ଦିନ ଭିତରେ ଚାଷୀଙ୍କୁ ପୁନର୍ବାର ଟୋକନ ପ୍ରଦାନ କରି ଧାନ ଉଠାଯିବ ବୋଲି ପୂର୍ବତନ ଏମପିଙ୍କୁ ପ୍ରତିଶ୍ରୁତି ଦିଆଯାଇଥିଲା । ଗୁରୁବାର ପୂଜାରୀଗୁଡା ଏବଂ କୋଇଲିମୁଣ୍ଡାର ସମସ୍ତ ଚାଷୀଙ୍କୁ ମୋବାଇଲରେ ଟୋକନ ଆସିଥିବା ଜଣାପଡିଛି । ପୂଜାରୀଗୁଡା ଧାନମଣ୍ଡିର ୨୫ଜଣ ଚାଷୀଙ୍କୁ ଟୋକନ ଆସିଥିବାବେଳେ ସେହି ମଣ୍ଡିରୁ ୧୫୮୯.୫୧ କୁଇଣ୍ଟାଲ ଧାନ ଏବଂ କୋଇଲିମୁଣ୍ଡା ମଣ୍ଡିର ୪୯ଜଣ ଚାଷୀଙ୍କ ୨୭୬୬.୭୦ କୁଇଣ୍ଟାଲ ଧାନ କିଣାଯିବ ବୋଲି ଲ୍ୟାମ୍ପସ ପକ୍ଷରୁ ଜଣାପଡିଛି । ଶୁକ୍ରବାର ଧାନ କିଣାଯାଇ ଶନିବାର ମିଲର ଉଠାଇବେ ବୋଲି ଯୋଗାଣ ବିଭାଗ ପକ୍ଷରୁ ସୂଚନା ମିଳିଛି ।

### ହିନ୍ଦୁ ନବବର୍ଷ ପାଇଁ ବୈଠକ

ନବରଙ୍ଗପୁର,୧୨।୩(ବି.ପ୍ର)

ହିନ୍ଦୁ ନବବର୍ଷ ପାଳନ ନିମନ୍ତେ ଉମରକୋଟ ହିନ୍ଦୁ ମହାସଂଘ ପକ୍ଷରୁ ଏକ ବୈଠକ ଉମରକୋଟ ଶ୍ରୀରାମ ମନ୍ଦିର ଠାରେ ଅନୁଷ୍ଠିତ ହୋଇଯାଇଛି। ଜୟଦେବ ପରିଡା ସଭାପତିତ୍ୱ କରିଥିଲେ। ୨୨ଟି ବିଭିନ୍ନ ସମାଜର ଧାର୍ମିକ ମୁଖ୍ୟମାନେ ଯୋଗ ଦେଇଥିଲେ। ଶ୍ରୀରାମ ନବମୀରେ ଉମରକୋଟ ରାମମନ୍ଦିରରୁ ଏକ ବିଶାଳ ରାଲି ବାହାରି ସହର ପରିକ୍ରମା କରିବ ବୋଲି ଶ୍ରୀରାମ ମନ୍ଦିର ସଭାପତି ଜଗେଶ୍ୱର ପଣ୍ଡା କହିଛନ୍ତି। ରମେଶ ସାହୁ, ରାମ ନାୟକ, ଗଜି ନାୟକ, ସତ୍ୟବର୍ତ୍ତ ସାମଲ ଉପସ୍ଥିତ ଥିଲେ ।

# ସ୍ତନ କର୍କଟ ପରାମର୍ଶ ଶିବିର

ନବରଙ୍ଗପୁର,୧୨।୩(ବି.ପ୍ର.)



ଶିବିରକୁ ସିଡିଏମଓ ଉଦଘାଟନ କରୁଛନ୍ତି ।

ଏସପି ନିତୀନ କୁସଲକରଙ୍କ ନିର୍ଦ୍ଦେଶ କ୍ରମେ ଜିଲା ପୋଲିସ ପକ୍ଷରୁ ଜିଲା ସଦର ମହକୁମା ଡାକ୍ତରଖାନା ପରିସର ଶିଶୁ ଓ ମାଆ ସ୍ୱାସ୍ଥ୍ୟ କେନ୍ଦ୍ର(ଏମସିଏଚ) ଠାରେ ସ୍ତନ କର୍କଟ ରୋଗ ସମ୍ପର୍କିତ ଏକ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଏହି ଶିବିରକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସନ୍ତୋଷ ସ୍ୱାଇଁ ଉଦଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡିଏସପି ସି.ଏଚ. ହୃଦୟାନନ୍ଦ, ଥାନା ଅଧିକାରୀ ତାରିକ ଅହମ୍ମଦ, ଏଏସଆଇ ଆଶେକ କୁମାର ଦେଓ ପ୍ରମୁଖ ଉପସ୍ଥିତ ଥିଲେ । ସ୍ତନ କର୍କଟ ପୂର୍ବ ଲକ୍ଷଣ ଓ ରୋଗ ପ୍ରତିରୋଧ ପାଇଁ ରହିଥିବା ପଦକ୍ଷେପ ଉପରେ ଡାକ୍ତର ମାନେ ପରାମର୍ଶ ଦେଇଥିଲେ । ୩୮ ଜଣ ମହିଳା ପୋଲିସ କର୍ମଚାରୀଙ୍କୁ ପରାମର୍ଶ ଦିଆଯାଇଥିଲା । ସ୍ତ୍ରୀ ରୋଗ ବିଶେଷଜ୍ଞ ଅରୁପାନନ୍ଦ କର ଓ ଡାକ୍ତର ଦେବବ୍ରତ ଡାକୁଆ ଶିବିରରେ ମହିଳାମାନଙ୍କୁ ପରାମର୍ଶ ଦେଇଥିଲେ ।

# ମାଟ୍ରିକ ପରୀକ୍ଷାର୍ଥୀଙ୍କୁ ଦକ୍ଷତା ବୃଦ୍ଧି ତାଲିମ

## ୯ ଶିଶୁଗୃହର ୫୭ ଛାତ୍ରୀଛାତ୍ର ଯୋଗ ଦେଲେ

ନବରଙ୍ଗପୁର,୧୨।୩(ବି.ପ୍ର.)

ନବରଙ୍ଗପୁର ଜିଲାର ଶିଶୁ ଗୃହରେ ରହି ମାଟ୍ରିକ ପରୀକ୍ଷା ଦେଇଥିବା ଛାତ୍ରୀଛାତ୍ରଙ୍କୁ ନେଇ ପ୍ରଶାସନ ପକ୍ଷରୁ ଦକ୍ଷତା ବୃଦ୍ଧି ତାଲିମ ସ୍ଥାନୀୟ ମିଶନ ଶକ୍ତି ବୈଠକ ଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲା ଶିଶୁ ମଙ୍ଗଳ କମିଟି ଅଧକ୍ଷ ଦିବାକର ବାହୁକ, ପୂର୍ବତନ ଅଧକ୍ଷ ବିଜୟ କୁମାର ଚୌଧୁରୀ, ଉମରକୋଟ, ରାଇଘର ଓ ଚନ୍ଦାହାଣ୍ଡି ଆଇଟିଆଇର ଅଧକ୍ଷ, ଜିଲା ଶିଳ୍ପ କେନ୍ଦ୍ରର ପ୍ରୋଗ୍ରାମ ଅଧିକାରୀ, ୟୁନିସେଫର ଫକିର ମୋହନ ରାଉତ, କିଟ୍‌ସର ଜିଲା ସଂଯୋଜକ, ଜିଲା ଶିଶୁ ସୁରକ୍ଷା ୟୁନିଟର ପରିବିକ୍ଷା ଅଧିକାରୀ କିଶୋର ଚନ୍ଦ୍ର ମାର୍ଥ, ସୁରକ୍ଷା ଅଧିକାରୀ କୁନିମଣି ସ୍ୱାଇଁ ସମେତ ଶିଶୁ ମଙ୍ଗଳ କମିଟିର ସଭ୍ୟା ସଭ୍ୟ ଉପସ୍ଥିତ ଥିଲେ । ନବରଙ୍ଗପୁର ଜିଲାରେ ଥିବା ୯ଟି ଶିଶୁ ଗୃହର ୫୭ ଛାତ୍ରୀଛାତ୍ର ଏଥିରେ ଯୋଗ ଦେଇଥିଲେ । ସରକାରଙ୍କ ପକ୍ଷରୁ ରହିଥିବା ବିଜୁ ଶିଶୁ ସୁରକ୍ଷା ଯୋଜନା, ଗୋପବନ୍ଧୁ ସହାୟତା ଯୋଜନା ଭଳି ବିଭିନ୍ନ ସୁବିଧା ସୁଯୋଗ ସହ ପିଲାମାନେ କିଭଳି ଦକ୍ଷତା ଭିତ୍ତିରେ ପାଠ ପଢି ନିଜର ଭବିଷ୍ୟତ ଗଠନ କରିପାରିବେ ସେନେଇ ପରାମର୍ଶ ଦେଇଥିଲେ । ସେହିଭଳି କଳା, ବାଣିଜ୍ୟ ଓ ବିଜ୍ଞାନ ବିଭାଗରେ ପାଠ ପଢୁଥିବା ଛାତ୍ରୀ ଛାତ୍ର ମାନେ କେଉଁଭଳି ଶିକ୍ଷା ଲାଭ କରି ନିଯୁକ୍ତି ସୁଯୋଗ ଓ ଦକ୍ଷତା ହାସଲ କରି ପାରିବେ ତାହାର ପରାମର୍ଶ ଦିଆଯାଇଥିଲା । ଦକ୍ଷତା ହାସଲ ପାଇଁ ବିଭିନ୍ନ ଦିଗ ରହିଛି । ଏନେଇ ଛାତ୍ରୀଛାତ୍ର ମାନେ ନିଜର ପାଠ ପଢା ସହ ତାଲିମ ସୁଯୋଗ କିଭଳି ପାଇବେ ସେନେଇ ଦିଗଦର୍ଶନ ଦିଆଯାଇଥିଲା । ଏହି ଅବସରରେ ଛାତ୍ରୀଛାତ୍ର ମାନେ କମ ବୟସରେ ବିବାହ କରିବେ ନାହିଁ । ନାବାଳିକା ବିବାହ ରୋକିବା ଓ ସଚେତନ କରିବା ନେଇ ଶପଥ ଗ୍ରହଣ କରାଯାଇଥିଲା ।



ଛାତ୍ରୀଛାତ୍ର ଓ ଅନ୍ୟମାନେ ନାବାଳିକା ବିବାହ ରୋକିବା ପାଇଁ ଶପଥ ପାଠ କରୁଛନ୍ତି ।

### ନିଆଁ ଲାଗି ଜଳିଗଲା ଦୋକାନ

ଚନ୍ଦାହାଣ୍ଡି,୧୨।୩(ଡି.ଏନ.ଏ)

ଚନ୍ଦାହାଣ୍ଡି ବ୍ଲକ ଝରିଗାଁ-ଚନ୍ଦାହାଣ୍ଡି ଘାଟି ତଳେ ଥିବା ଏକ ଦୋକାନରେ ନିଆଁ ଲାଗି ଜଳି ଯାଇଛି। ତେବେ ମୋବାଇଲ ନେଟୱାର୍କ ଲାଗୁ ନ ଥିବାରୁ ଦମକଳ ବାହିନୀ ସହ ଯୋଗାଯୋଗ ସମ୍ଭବପର ହୋଇ ନ ଥିଲା। ରାସ୍ତାରେ ଯାଉଥିବା ଲୋକମାନେ ନିଆଁ ଲିଭାଇଥିଲେ। କନ୍ଦିଓଡା ଗ୍ରାମର ସୁପସିଂ ଝାକର (୩୮) ତାକ ସ୍ତ୍ରୀ ଶାନ୍ତି ଝାକର ଝରିଗାଁ-ଚନ୍ଦାହାଣ୍ଡି ଘାଟି ତଳ ମନ୍ଦିର ପାର୍ଶ୍ୱରେ ଝାଟିମାଟି ଘର କରି ରହିବା ସହ ସେଠାରେ ଏକ ଦୋକାନ କରିଥିଲେ। ଶାନ୍ତି ଦୋକାନରେ ବିକ୍ରି କରୁଥିବା ବେଳେ ପଛପଟୁ ଧୂଆଁ ବାହାରିଥିଲା। ଏହା ଦେଖି ଶାନ୍ତି ଦୋକାନରୁ ବାହାରି ଆସିଥିଲେ। ନିଆଁ ଲାଗି ଦୋକାନ ସହ ଘର ଜଳି ଯାଇଥିଲା। ଏଥିରେ ଘରେ ଥିବା ସମସ୍ତ ଆସବାବପତ୍ର ଓ ଦୋକାନ ସାମଗ୍ରୀ ପୋଡି ନଷ୍ଟ ହୋଇଯାଇଛି।

# ନାମଯଜ୍ଞ ପରେ ସ୍ୱଚ୍ଛତାକୁ ଭୁଲିଗଲେ

## ଜମା ହୋଇଛି କୁଢ କୁଢ ଆବର୍ଜନା

ଚନ୍ଦାହାଣ୍ଡି,୧୨।୩(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ମୋହରା ପଞ୍ଚାୟତ ଅନ୍ତର୍ଗତ ପୂଜାରୀଗୁଡା ଗ୍ରାମରେ ଗତ ୭ ତାରିଖରୁ ୧୦ ତାରିଖ ପର୍ଯ୍ୟନ୍ତ ଷୋହଳ ପ୍ରହର ନାମଯଜ୍ଞ ହାଇସ୍କୁଲ ଏବଂ ଶିବମନ୍ଦିର ପରିସରରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଭିନ୍ନ ଜିଲାରୁ କୀର୍ତ୍ତନ ମଣ୍ଡଳି ଆସିଥିବା ବେଳେ ହଜାର ହଜାର ଶ୍ରଦ୍ଧାଳୁ ଯୋଗଦେଇଥିଲେ । ଆନନ୍ଦବଜାରରେ ହଜାର ହଜାର ଶ୍ରଦ୍ଧାଳୁ ପ୍ରସାଦସେବନ କରିଥିଲେ। ତିନିଦିନ ଧରି ମନ୍ଦିର ଏବଂ ହାଇସ୍କୁଲ ପରିସରରେ ଦୋକାନ ବସିଥିଲା । ବିଭିନ୍ନ ହୋଟେଲଠାରୁ ଆରମ୍ଭ କରି ଖେଳଣା ଦୋକାନରେ ଭିଡଲାଗି ରହିଥିଲା। ଏହି ଷୋହଳ ପ୍ରହର ନାମଯଜ୍ଞ ପାଇଁ ପୂଜାରୀଗୁଡା ଗ୍ରାମରେ ଚାରିଦିନ ଧରି ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ନାମଯଜ୍ଞ କମିଟିର ସଦସ୍ୟ ବିଭିନ୍ନ ବିଭାଗର ଦାୟିତ୍ୱନେଇ ଯଜ୍ଞ ପରିଚାଳନା କରିଥିଲେ। କିନ୍ତୁ ନାମଯଜ୍ଞ ସରିବାରୁ ଦୁଇଦିନ ବିତିଯାଇଥିଲେ ମଧ୍ୟ ସ୍ୱଚ୍ଛତାକୁ ଭୁଲି ଯାଇଥିଲେ। ହାଇସ୍କୁଲ ଏବଂ ମନ୍ଦିର ପରିସରରେ କୁଢ଼ କୁଢ଼ ଆବର୍ଜନା ଜମାହୋଇ ରହିଛି । ହୋଟେଲଗୁଡିକରେ ବ୍ୟବହୃତ ପ୍ଲାଷ୍ଟିକ୍ ଗ୍ଲାସ, ଭକ୍ତ ଖାଇଥିବା ଖଲି, ଗ୍ଲାସ, ବିଭିନ୍ନ ଦୋକାନଗୁଡିକରୁ କଡାଯାଇଥିବା ପଲିଥିନ ସ୍କୁଲ ଏବଂ ମନ୍ଦିର ପରିସରରେ ଜମାହୋଇ ପଡି ରହିଛି । ମନ୍ଦିରକୁ ଆସୁଥିବା ଭକ୍ତ ଏବଂ ବିଦ୍ୟାଳୟକୁ ଯାଉଥିବା ଛାତ୍ରୀଛାତ୍ରମାନେ ପଡିଥିବା ବର୍ଜ୍ୟବସ୍ତୁ ଯୋଗୁ ପ୍ରଦୂଷଣ ଖରାପ ହେଉଥିବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି।



ମନ୍ଦିର ପରିସରରେ ପଡିଥିବା ଆବର୍ଜନା ।

